RNI No.ODIODI/2010/33031
୧୬ ବର୍ଷ | Volume- 16
ISSUE -157 | ସଂଖ୍ୟା-୧୫୭
ଭୁବନେଶ୍ୱର, ସୋମବାର, ୦୨ ସେପ୍ଟେମ୍ବର ୨୦୨୫
Bhubaneswar, Monday, 01, September, 2025
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com | RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



## ରାଜ୍ୟରେ ଆଉ ୧୬ ନୂଆ ଏନ୍‌ଏସି, ୭ ନୂଆ ମୁନିସିପାଲିଟି

ଭୁବନେଶ୍ୱର,୩୧।୮(ନି.ପ୍ର): ୨୦୨୬ ଏପ୍ରିଲ ସୁଦ୍ଧା ରାଜ୍ୟର ସମସ୍ତ ପୌରାଂଚଳକୁ ଗର୍ତମୁକ୍ତ ଏବଂ ମୁକୁଳା ଡ୍ରେନ ବନ୍ଦ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ରବିବାରସ୍ଥାନୀୟ ରେଲ୍ ଅଡିଟୋରିଅମ ରେ ରାଜ୍ୟ ସ୍ତରୀୟ ସ୍ୱାୟତ ଶାସନ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଏହି ନିର୍ଦ୍ଦେଶ ଦେଇଛନ୍ତି।

ସ୍ୱାୟତ ଶାସନ ଦିବସ ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୩୬ରେ ଆମେ ସମୃଦ୍ଧ ଓଡିଶା ଗଠନର ସ୍ୱପ୍ନ ଦେଖୁଛୁ। ରାଜ୍ୟର ସହରାଂଚଳ ଗୁଡିକ ହେଉଛି ବିକାଶର ପ୍ରତିଛବି। ତେଣୁ, ଯଦି ସହରାଂଚଳ ଗୁଡିକର ରାସ୍ତା, ଘାଟ ପରିସ୍କାର ପରିଚ୍ଛନ୍ନ ନରୁହେ, ଗର୍ତମୁକ୍ତ ନରହେ ତେବେ ଆମର ଲକ୍ଷ୍ୟ ଅପୂରଣୀୟ ରହିବ। ତେଣୁ, ଆସନ୍ତା ଏପ୍ରିଲ ମାସ ମଧ୍ୟରେ ରାଜ୍ୟର ସମସ୍ତ ପୌରାଂଚଳର ରାସ୍ତାଘାଟ ଗୁଡିକ ଯେପରି ଗର୍ତମୁକ୍ତ ହେବ, ତାକୁ ସୁନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏହା ମଧ କହିଥିଲେ ଯେ, ଆସନ୍ତା ବର୍ଷ ଏପ୍ରିଲ ରେ ଯେଉଁ ଜନଶୁଣାଣି ହେବ ସେଥିରେ ଯେପରି ରାସ୍ତାଘାଟ, ପଟ୍‌ହୋଲ୍ ରେ ଭର୍ତି ଥିବା ଅଭିଯୋଗ ନ ଆସେ। ୨୦୨୬ ଏପ୍ରିଲ ଶେଷ ସୁଦ୍ଧା ସମସ୍ତ ପୌରାଂଚଳ ନିଜେ ନିଜେ ସାର୍ଟିଫିକେଟ ଦେବେ ଯେ, ତାଙ୍କ ଅଂଚଳ ପଟ୍‌ହୋଲ୍ ମୁକ୍ତ ହୋଇସାରିଛି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଶାସନ ବ୍ୟବସ୍ଥାକୁ ସମାଜର ଶେଷ ସ୍ତରକୁ ଆଣିବା ପାଇଁ, ଶେଷ ଧାଡିରେ ଥିବା ଲୋକଙ୍କୁ ଗୁଣାତ୍ମକ ସେବା ଯୋଗାଇଦେବା କ୍ଷେତ୍ରରେ ସ୍ୱାୟତ ଶାସନ ଏକ ମହତ୍ୱପୂର୍ଣ୍ଣ ବ୍ୟବସ୍ଥା। ଲର୍ଡ ରିପନ୍ ୧୮୮୨ ରେ ଏହାକୁ ଆରମ୍ଭ କରିଥିଲେ



ମଧ ୯୦ ଦଶକରେ ଏହା ସାମ୍ବିଧାନିକ ମାନ୍ୟତା ଲାଭକଲା। ମାହତ୍ମା ଗାନ୍ଧୀ ମଧ ଗ୍ରାମ୍ୟ ସ୍ୱରାଜ୍ୟ ଉପରେ ଗୁରୁତ୍ୱ ଦେଇ ଆସିଥିଲେ।

ତେବେ ଅନେକ ଛୋଟ ଛୋଟ ସମସ୍ୟା ପାଇଁ ଲୋକମାନେ ସ୍ଥାନୀୟ ପ୍ରତିନିଧିଙ୍କ ଉପରେ ନିର୍ଭର ନହୋଇ ବିଧାୟକ କିମ୍ବା ସାଂସଦଙ୍କୁ ଅନୁରୋଧ କରିଥାନ୍ତି। ଯଦି ସ୍ଥାନୀୟ ସଂସ୍ଥାର ଅଧିକାରୀ କିମ୍ବା ଜନପ୍ରତିନିଧି ସେମାନଙ୍କ ଦାୟିତ୍ୱକୁ ସୁଚାରୁ ରୂପେ ପାଳନ କରିବେ, ତେବେ ମନ୍ତ୍ରୀ, ବିଧାୟକ, ସାଂସଦଙ୍କୁ ଏ ସବୁ ସମସ୍ୟାରେ ମୁଣ୍ଡ ପୁରେଇବାକୁ ଆବଶ୍ୟକ ହୁଅନ୍ତା ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ। ସ୍ଥାନୀୟ ଜନପ୍ରତିନିଧିଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଲୋକଙ୍କ ସମସ୍ୟା ସମାଧାନ ଦିଗରେ ସେମାନେ ଅଧିକ ସଚେତନ ଓ ଦାୟିତ୍ୱବାନ ହୁଅନ୍ତୁ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର ଏକ ସମୃଦ୍ଧ ଓଡିଶା ଗଠନର ଲକ୍ଷ୍ୟ ରଖି ସହରାଂଚଳର ଲୋକଙ୍କ ପାଇଁ ଆଧୁନିକ ଭିତିଭୂମି ଏବଂ ଗୁଣାତ୍ମକ ମୌଳିକ ସେବା ଯୋଗାଇଦେବାକୁ ଅନେକ ସୁଦୂରପ୍ରସାରୀ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ୧୬ଟି ନୂତନ ଏନ୍.ଏ.ସି ଯଥା ବଲାଙ୍ଗୀର ଜିଲ୍ଲାର ଲୋଇସିଂଗା, ବରଗଡ ଜିଲ୍ଲାର ସୋହେଲା, କଟକ ଜିଲ୍ଲାର ବଡମ୍ବା, ନରସିଂହପୁର, ସାଲେପୁର, ଢେଙ୍କାନାଳ ଜିଲ୍ଲାର ଗନ୍ଦିଆ, ଗଞ୍ଜାମ ଜିଲ୍ଲାର ପାତ୍ରପୁର ଓ ଜଗନ୍ନାଥ ପ୍ରସାଦ, ଯାଜପୁର ଜିଲ୍ଲାର ଚଣ୍ଡିଖୋଲ, କଳାହାଣ୍ଡି ଜିଲ୍ଲାର ନର୍ଲା ଓ ଜୟପାଟଣା, ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ, କୋରାପୁଟ ଜିଲ୍ଲାର ବୋରିଗୁମ୍ମା ଏବଂ ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା, ଯଶୀପୁର ଓ ରାସଗୋବିନ୍ଦପୁର। ସେହିଭଳି ୭ଟି ନୂତନମୁନିସିପାଲିଟି ଯଥା- ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ, ବୌଦ୍ଧ ଜିଲ୍ଲାର ବୌଦ୍ଧ, ଗଞ୍ଜାମ ଜିଲ୍ଲାର ଭଞ୍ଜନଗର, ଆସ୍କା, ଛତ୍ରପୁର, କବିସୂର୍ଯ୍ୟନଗର ଏବଂ ପୋଲସରା ମୁନିସିପାଲିଟି ପ୍ରତିଷ୍ଠା କରାଯିବାର ଘୋଷଣା କରିଥିଲେ। ସୂଚନା ଯୋଗ୍ୟ ଯେ, ନିକଟରେ ମୁଖ୍ୟମନ୍ତ୍ରୀ ୨୧ଟି ଏନ୍.ଏ.ସି ସୃଷ୍ଟି ସମ୍ପର୍କରେ ଘୋଷଣା କରିଥିଲେ। ତନ୍ମଧ୍ୟରୁ ୧୨ଟି ଏନ.ଏ.ସି ଗଠିତ ହେବା ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଆଜି ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ଏହି ୧୨ଟି ନୂତନ ବିଜ୍ଞପିତ ଏନ୍.ଏ.ସି ସହିତ ଆଉ ୧୬ଟି ନୂଆ ଏନ୍.ଏ.ସି ସୃଷ୍ଟି ହେବ। ସମୁଦାୟ ୨୮ଟି ନୂଆ ଏନ୍.ଏ.ସି ଓ ୭ଟି ନୂଆ ମୁନିସିପାଲଟି ସୃଷ୍ଟି ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଜି ଅନେକ ସହରାଂଚଳ ବିକାଶ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଆଜିଠାରୁ ସହରର ସମସ୍ତ ଲୋକଙ୍କ ପାଇଁ ସରକାରୀ ଯୋଜନା ଗୁଡିକର ଲାଭ ସୁବିଧାରେ ପହଂଚାଇବା ପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ପୌରାଂଚଳକୁ 'ସହଯୋଗ' କାର୍ଯ୍ୟକ୍ରମ ସଂପ୍ରସାରିତ ହେଲା ବୋଲି ଘୋଷଣା କରିଥିଲେ। ସୂଚନାଯୋଗ୍ୟ ଯେ, ସହରର ଲୋକଙ୍କ ପାଇଁ ସରକାରୀ ଯୋଜନା ଗୁଡିକର ଲାଭ ସୁବିଧାରେ ପହଂଚାଇବା ପାଇଁ ମେ ମାସରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୪୪ଟି ପୌରାଂଚଳରେ ସହଯୋଗ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା।

## ଦିଲ୍ଲୀରୁ ଇନ୍ଦୋର ଆସୁଥିବା ଏୟାର ଇଣ୍ଡିଆ ବିମାନରେ ଯାନ୍ତ୍ରିକ ତ୍ରୁଟି, ଜରୁରୀକାଳୀନ ଲ୍ୟାଣ୍ଡିଂ

ଭୋପାଳ, ୩୧।୮(ନି.ପ୍ର.):ଦିଲ୍ଲୀରୁ ଇନ୍ଦୋରକୁ ଯାଉଥିବା ଏୟାର୍ ଇଣ୍ଡିଆର ଏକ ବିମାନ ଟେକଅଫ୍ କରିଥିବା କିଛି ସମୟ ପରେ ଯାନ୍ତ୍ରିକ ତ୍ରୁଟି ପାଇଁ ସମସ୍ୟାର ସମ୍ମୁଖୀନ ହୋଇଛି । ଖବର ଅନୁଯାୟୀ, ବିମାନର ଡାହାଣ ଇଞ୍ଜିନରେ ନିଆଁ ଲାଗିଥିବା ଆଲର୍ଟ ମିଳିଥିଲା। ଏହି ସୂଚନା ସହିତ ସଂପୃକ୍ତ କାର୍ଯ୍ୟାଳୟକୁ ସତ୍ୱର ଅବଗତ କରାଯାଇଥିଲା, ଯାହାପରେ ପାଇଲଟ୍ ତୁରନ୍ତ ଡାହାଣ ଇଞ୍ଜିନ ବନ୍ଦ କରିଦେଲେ ଓ ଗୋଟିଏ ଇଞ୍ଜିନରେ ବିମାନକୁ ଦିଲ୍ଲୀ ବିମାନବନ୍ଦରରେ ଜରୁରୀକାଳୀନ ଲ୍ୟାଣ୍ଡିଂ କରାଯାଇଥିଲା।

ରବିବାର ଏୟାର୍ ଇଣ୍ଡିଆର ଫ୍ଲାଇଟ୍ ଏଆଇ ୨୯୧୩ ଦିଲ୍ଲୀରୁ ଇନ୍ଦୋର ପାଇଁ ଉଡ଼ାଣ ଭରିଥିଲା। ବିମାନ ଟେକଅଫ୍ କରିଥିବା ପରେ ହିଁ ପାଇଲଟ୍‌କୁ ଫାୟର୍ ଇଣ୍ଡିକେସନ୍ ମିଳିଥିଲା। ଏହା ପରେ ପାଇଲଟ୍ ଆଲର୍ଟ ପଠାଇଥିଲେ ଓ ପୁନଃ ଲ୍ୟାଣ୍ଡିଂ ପାଇଁ ଅନୁମତି ଚାହିଁଥିଲେ। ତତ୍କାଳ ଅନୁମତି ମିଳିବା ପରେ ବିମାନକୁ ସୁରକ୍ଷିତ ଭାବରେ ଲ୍ୟାଣ୍ଡ କରାଯାଇଥିଲା। ଏହି ସମୟରେ ଗ୍ରାଉଣ୍ଡ ଷ୍ଟାଫ୍‌ମାନଙ୍କୁ ଆଲର୍ଟ ରଖାଯାଇଥିଲା।

## ଚୀନ୍ ରାଷ୍ଟ୍ରପତି ଜିନପିଙ୍ଗଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଦ୍ୱିପାକ୍ଷିକ ଆଲୋଚନା

ନୂଆଦିଲ୍ଲୀ,୩୧।୮(ନି.ପ୍ର.):: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ତିଆନଜିନ ଠାରେ ଆୟୋଜିତ ସାଂଘାଇ ସହଯୋଗ ସଂଗଠନ (ଏସସିଓ) ନେତାଙ୍କ ଶିଖର ସମ୍ମିଳନୀ ଅବସରରେ ଚୀନ୍ ରାଷ୍ଟ୍ରପତି ଶ୍ରୀ ସି ଜିନପିଙ୍ଗଙ୍କ ସହ ଦ୍ୱିପାକ୍ଷିକ ସାକ୍ଷାତ କରିଥିଲେ।

୨୦୨୪ ଅକ୍ଟୋବରରେ ଉଭୟ ନେତା କାଜାନ ଠାରେ ହୋଇଥିବା ଶେଷ ସାକ୍ଷାତ ପରଠାରୁ ଦ୍ୱିପାକ୍ଷିକ ସମ୍ପର୍କରେ ଆସିଥିବା ସକାରାତ୍ମକ ଗତି ଏବଂ ନିରନ୍ତର ପ୍ରଗତିକୁ ସ୍ୱାଗତ କରିଥିଲେ। ସେମାନେ ଜୋର ଦେଇଥିଲେ ଯେ ଦୁଇ ଦେଶ ବିକାଶର ସହଭାଗୀ, ପ୍ରତିଦ୍ୱନ୍ଦ୍ୱୀ ନୁହେଁ, ଏବଂ ସେମାନଙ୍କର ମତଭେଦ ବିବାଦରେ ପରିଣତ ହେବା ଉଚିତ୍ ନୁହେଁ। ପାରସ୍ପରିକ ସମ୍ମାନ, ପାରସ୍ପରିକ ସ୍ୱାର୍ଥ ଏବଂ ପାରସ୍ପରିକ ସମ୍ବେଦନଶୀଳତା ଉପରେ ଆଧାରିତ ଭାରତ ଏବଂ ଚୀନ୍ ଏବଂ ସେମାନଙ୍କର ୨.୮ ବିଲିୟନ ଲୋକଙ୍କ ମଧ୍ୟରେ ଏକ ସ୍ଥିର ସମ୍ପର୍କ ଏବଂ ସହଯୋଗ ଉଭୟ ଦେଶର ଅଭିବୃଦ୍ଧି ଏବଂ ବିକାଶ ପାଇଁ ଜରୁରୀ ତଥା ଏକବିଂଶ ଶତାବ୍ଦୀର ଧାରା ସହିତ ଏକ ବହୁଧ୍ରୁବୀୟ ବିଶ୍ୱ ଏବଂ ଏକ ବହୁଧ୍ରୁବୀୟ ଏସିଆ ପାଇଁ ଅତ୍ୟନ୍ତ ଜରୁରୀ।

ଉଭୟ ପ୍ରଧାନମନ୍ତ୍ରୀ ଦ୍ୱିପାକ୍ଷିକ ସମ୍ପର୍କର ନିରନ୍ତର ବିକାଶ ପାଇଁ ସୀମାନ୍ତ ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଗତ ବର୍ଷ ସୈନ୍ୟବାହିନୀର ସଫଳତାର ସହିତ ପ୍ରତ୍ୟାହାର ଏବଂ ସେବେଠାରୁ ସୀମାବର୍ତ୍ତୀ ଅଞ୍ଚଳରେ ଶାନ୍ତି ଏବଂ ଶାନ୍ତି ବଜାୟ ରଖିବାରେ ଦୁଇ ନେତା ସନ୍ତୋଷ ପ୍ରକାଶ କରିଥିଲେ। ସେମାନେ ସେମାନଙ୍କର ସାମଗ୍ରିକ ଦ୍ୱିପାକ୍ଷିକ ସମ୍ପର୍କର ରାଜନୈତିକ ଦୃଷ୍ଟିକୋଣରୁ ଏବଂ ଦୁଇ ଲୋକଙ୍କର



ଦୀର୍ଘକାଳୀନ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସୀମା ସମ୍ବନ୍ଧୀୟ ସମସ୍ୟାଗୁଡ଼ିକର ଏକ ନିରପେକ୍ଷ, ଯୁକ୍ତିଯୁକ୍ତ ଏବଂ ପାରସ୍ପରିକ ଭାବରେ ଗ୍ରହଣୀୟ ସମାଧାନ ପାଇଁ ପ୍ରତିବଦ୍ଧତା ପ୍ରକାଶ କରିଥିଲେ। ସେମାନେ ଏହି ମାସର ପ୍ରାରମ୍ଭରେ ଦୁଇ ସ୍ୱତନ୍ତ୍ର ପ୍ରତିନିଧିଙ୍କ ଦ୍ୱାରା ସେମାନଙ୍କର ଆଲୋଚନାରେ ନିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ସ୍ୱୀକାର କରିଥିଲେ ଏବଂ ସେମାନଙ୍କ ପ୍ରୟାସକୁ ଆହୁରି ସମର୍ଥନ କରିବାକୁ ସହମତ ହୋଇଥିଲେ।

ଦୁଇ ନେତା କୈଳାସ ମାନସରୋବର ଯାତ୍ରା ପାଇଁ ସିଧାସଳଖ ବିମାନ ଏବଂ ଭିସା ସୁବିଧା ଏବଂ ପର୍ଯ୍ୟଟନ ଭିସାର ପୁନରୁଦ୍ଧାର ମାଧ୍ୟମରେ ଲୋକ-ଲୋକ ସମ୍ପର୍କକୁ ମଜବୁତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅର୍ଥନୈତିକ ଏବଂ ବାଣିଜ୍ୟ ସମ୍ପର୍କ କ୍ଷେତ୍ରରେ, ସେମାନେ ବିଶ୍ୱ ବାଣିଜ୍ୟକୁ ସ୍ଥିର କରିବାରେ ଉଭୟ ଅର୍ଥନୀତିର ଭୂମିକାକୁ ସ୍ୱୀକାର କରିଥିଲେ। ଦ୍ୱିପାକ୍ଷିକ ବାଣିଜ୍ୟ ଏବଂ ନିବେଶ ସମ୍ପର୍କକୁ ବିସ୍ତାର କରିବା ଏବଂ ବାଣିଜ୍ୟ ନିଅଣ୍ଟ ହ୍ରାସ କରିବା ପାଇଁ ଏକ ରାଜନୈତିକ ଏବଂ ରଣନୈତିକ ଦିଗରେ ଅଗ୍ରସର ହେବାର ଆବଶ୍ୟକତା ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ।

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ଭାରତ ଏବଂ ଚୀନ୍ ଉଭୟ ରଣନୈତିକ ସ୍ୱାୟତ୍ତତା ରଖୁଛନ୍ତି ଏବଂ ସେମାନଙ୍କର ସମ୍ପର୍କକୁ କୌଣସି ତୃତୀୟ ଦେଶର ଦୃଷ୍ଟିକୋଣରୁ ଦେଖାଯିବା ଉଚିତ୍ ନୁହେଁ। ଦୁଇ ନେତା ଦ୍ୱିପାକ୍ଷିକ, ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗ ଏବଂ ଆତଙ୍କବାଦ ଏବଂ ବହୁପକ୍ଷୀୟ ଫୋରମରେ ନ୍ୟାୟପୂର୍ଣ୍ଣ ବାଣିଜ୍ୟ ଭଳି ଚ୍ୟାଲେଞ୍ଜ ଉପରେ ସାଧାରଣ ଭୂମି ବିସ୍ତାର କରିବା ଆବଶ୍ୟକ ବୋଲି ବିଚାର କରିଥିଲେ।

ପ୍ରଧାନମନ୍ତ୍ରୀ ସାଂଘାଇ ସହଯୋଗ ସଂଗଠନ (ଏସସିଓ) ରେ ଚୀନ୍ର ଅଧ୍ୟକ୍ଷତା ଏବଂ ତିଆନଜିନ୍ରେ ଶିଖର ସମ୍ମିଳନୀକୁ ସମର୍ଥନ ପ୍ରକାଶ କରିଥିଲେ। ସେ ରାଷ୍ଟ୍ରପତି ସିଙ୍କୁ ୨୦୨୬ ରେ ଭାରତ ଆୟୋଜନ କରିବାକୁ ଥିବା ବ୍ରିକ୍ସ ଶିଖର ସମ୍ମିଳନୀରେ ଯୋଗଦେବାକୁ ମଧ ନିମନ୍ତ୍ରଣ କରିଥିଲେ। ରାଷ୍ଟ୍ରପତି ସି ଏହି ନିମନ୍ତ୍ରଣ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ ଏବଂ ଭାରତର ବ୍ରିକ୍ସ ଅଧ୍ୟକ୍ଷତା ପାଇଁ ଚୀନ୍ର ସମର୍ଥନ ଜଣାଇଥିଲେ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଚୀନ୍ କମ୍ୟୁନିଷ୍ଟ ପାର୍ଟିର ପଲିଟବ୍ୟୁରୋର ସ୍ଥାୟୀ କମିଟି ସଦସ୍ୟ ଶ୍ରୀ କାଇ କ୍ୱିଙ୍କ ସହିତ ମଧ ଏକ ବୈଠକ କରିଥିଲେ। ପ୍ରଧାନମନ୍ତ୍ରୀ ଶ୍ରୀ କାଇଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କ ପାଇଁ ତାଙ୍କର ଦୃଷ୍ଟିକୋଣ ବାଣ୍ଟିଥିଲେ ଏବଂ ଦୁଇ ନେତାଙ୍କ ଦୃଷ୍ଟିକୋଣକୁ ସାକାର କରିବାରେ ସହଯୋଗ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଶ୍ରୀ କାଇ ଦୁଇ ନେତାଙ୍କ ମଧ୍ୟରେ ହୋଇଥିବା ସହମତି ଅନୁଯାୟୀ ଦ୍ୱିପାକ୍ଷିକ ଆଦାନପ୍ରଦାନ ବୃଦ୍ଧି ଏବଂ ସମ୍ପର୍କକୁ ଆହୁରି ମଜବୁତ କରିବା ପାଇଁ ଚୀନ୍ ପକ୍ଷର ଇଚ୍ଛାକୁ ଦୋହରାଇଥିଲେ।

## ଖଣି ମାଲିକଙ୍କ ଘରୁ ଦାମୀ କାର୍ ଜବତ

**ଭୁବନେଶ୍ୱର,୩୧।୮(ନି.ପ୍ର):** ଖଣି ମାଲିକ ଶକ୍ତି ରଞ୍ଜନ ଦାଶଙ୍କ ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବା ଇଡି ଚଢାଉ କରିଛି। ଶକ୍ତିଙ୍କ ନୟାପଲ୍ଲୀ ସ୍ଥିତ ଘରେ ହିମାଚଳ ପ୍ରଦେଶ ଇଡି ଟିମ୍ ଚଢ଼ାଉ କରିଛି। ହିମାଚଳର ଏକ କମ୍ପାନୀ ବିଭିନ୍ନ ବ୍ୟାଙ୍କରୁ ୧୩୯୬ କୋଟି ଋଣ କରିଥିଲା। ଜାଲ କାଗଜପତ୍ର ମାଧ୍ୟମରେ ଋଣ ହୋଇଥିବା ଅଭିଯୋଗ ହେବା ପରେ ହିମାଚଳ ପୋଲିସ ମାମଲା ରୁଜୁ କରିଥିଲା। ଋଣ ଟଙ୍କାରୁ ସେଥିରୁ ଶକ୍ତିଙ୍କ ଆକାଉଂଟକୁ ୫୯ କୋଟି ଟଙ୍କା ଆସିଥିବା ଅଭିଯୋଗ ହୋଇଥିଲା। ଇଡି ରେଡ୍ ବେଳେ ୧୦ଟି ବିଳାସପୂର୍ଣ୍ଣ କାର ଓ ୩ଟି ସୁପର ବାଇକ୍ ଜବତ ହୋଇଥିବା ସୂଚନା ମିଳିଛି। ୧୦ ଦାମୀ ଗାଡ଼ି ମଧ୍ୟରେ



ଅତ୍ୟାଧୁନିକ ପୋର୍ସେ ଓ ବିଏମଡବ୍ଲ୍ୟୁ ମଧ ରହିଛି। ଏହାବାଦ କୋଟିଏ ଟଙ୍କାର ସୁନା ଗହଣା ସହ ଇଡି ଅଧିକାରୀମାନେ ବ୍ୟାଙ୍କ ଲକର ମଧ ସିଜ କରିଛନ୍ତି।

ଦେଶର ଅନ୍ୟତମ ବଡ଼ ବ୍ୟାଙ୍କ ଋଣ ଜାଲିଆତି ମାମଲାରେ ଇଡି ମନି ଲଣ୍ଡରିଂ ମାମଲା ରୁଜୁ କରିଥିଲା। ଏହି ମାମଲାର ଯାଞ୍ଚ ବେଳେ ଶ୍ରୀ ଦାଶଙ୍କ ମାଲିକାନାରେ ଥିବା ଅନମୋଲ୍ ମାଇନ୍ସ ପ୍ରାଇଭେଟ୍ ଲିମିଟେ୍ଡ୍ (ଏଏମପିଏଲ୍) ଓ ଏମ୍/ଏସ୍ ଅନମୋଲ୍ ରିସୋର୍ସେସ୍ ପ୍ରାଇଭେଟ୍ ଲିମିଟେଡ୍ (ଏଆରପିଏଲ)ର ବିଭିନ୍ନ ଠିକଣାରେ ରେଡ ହୋଇଛି।

ଶନିବାର ଠାରୁ ଭୁବନେଶ୍ୱର ନୟାପଲ୍ଲୀରେ ଥିବା ଘରୁ ଆରମ୍ଭ ହୋଇଥିବା ରେଡ ବେଳେ ଆଖି ଲାଖି ଯିବା ଭଳି ସମ୍ପତ୍ତି ମିଳିଛି। ବେଆଇନ୍ ଆର୍ଥିକ କାରବାର ଓ ଋଣ ଜାଲିଆତି ନେଇ ହିମାଞ୍ଚଳ ପ୍ରଦେଶ ପୁଲିସ ନିକଟରେ ପ୍ରଥମେ ଗୋଟିଏ ମାମଲା ରୁଜୁ ହୋଇଥିଲା। ଏହାପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଶିମଲା ସ୍ଥିତ ଜୋନାଲ ଅଫିସ ମନି ଲଣ୍ଡରିଂ ମାମଲା ରୁଜୁ କରି ରେଡ କରିଛି।

ତଦନ୍ତରୁ ଜଣାପଡିଛି ଇଣ୍ଡିଆନ୍ ଟେକ୍ନୋମ୍ୟାକ୍ କମ୍ପାନୀ ଲିଃ (ଏମ/ଏସ୍ ଆଇଟିସିଏଲ୍) ନାମକ ହିମାଞ୍ଚଳ ପ୍ରଦେଶର ଗୋଟିଏ କମ୍ପାନୀ ଜାଲ କାଗଜପତ୍ର ମାଧ୍ୟମରେ ବିଭିନ୍ନ ବ୍ୟାଙ୍କରୁ ୧୩୯୬ କୋଟି ଟଙ୍କାର ଋଣ କରିଥିଲା। ଏହି ଋଣ ଟଙ୍କାରୁ ୫୯.୮୦ କୋଟି ଟଙ୍କା ଶକ୍ତି ରଞ୍ଜନ ଦାଶଙ୍କ କମ୍ପାନୀ ଆକାଉଣ୍ଟକୁ ଆସିଥିଲା। ଏଥିପାଇଁ ଇଡି ପକ୍ଷରୁ ଅନମୋଲ୍ ମାଇନ୍ସ ପ୍ରାଇଭେଟ୍ ଲିମିଟେ୍ଡ୍ (ଏଏମପିଏଲ୍) ଓ ଏମ୍/ଏସ୍ ଅନମୋଲ୍ ରିସୋର୍ସେସ୍ ପ୍ରାଇଭେଟ୍ ଲିମିଟେଡ୍ (ଏଆରପିଏଲ) ସହ ଶ୍ରୀ ଦାଶଙ୍କ ଘରେ ରେଡ କରାଯାଇଛି।

ରେଡ ବେଳେ ଇଡି ପକ୍ଷରୁ ୧୦ଟି ଦାମୀ କାର ଓ ୩ଟି ସୁପର ବାଇକ ଜବତ ହୋଇଛି। ଏହି ଗାଡ଼ିଗୁଡ଼ିକର ମୂଲ୍ୟ ପ୍ରାୟ ୭ କୋଟି ଟଙ୍କା ହେବ। ଏହା ମଧ୍ୟରେ ଗୋଟିଏ ପୋର୍ସେ କାୟେନ୍ନେ, ମର୍ସିଡିଜ ବେଞ୍ଜ ଜିଏଲସି, ବିଏମଡବ୍ଲ୍ୟୁ ଏକ୍ସ ୭, ଅଡି ଏ୩, ମିନି କୁପର ଓ ଗୋଟିଏ ହୁଣ୍ଡା ଗୋଲ୍ଡ ୱିଙ୍ଗ ମୋଟରସାଇକେଲ ରହିଛି। ଏହାବାଦ ଇଡିର ଅଧିକାରୀମାନେ ଶ୍ରୀ ଦାଶଙ୍କ ଠିକଣାରୁ ୧.୧୨ କୋଟିର ସୁନା ଅଳଙ୍କାର, ନଗଦ ୧୩ ଲକ୍ଷ ଟଙ୍କା ଓ ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛନ୍ତି। ସେହିପରି ଶ୍ରୀ ଦାଶଙ୍କ ୨ଟି ବ୍ୟାଙ୍କ ଲକରକୁ ମଧ ଫ୍ରିଜ କରାଯାଇଛି।

## ବାଇକ ରାଇଡରଙ୍କ ସନ୍ଦେହଜନକ ମୃତ୍ୟୁ

ଭୁବନେଶ୍ୱର, ୩୧।୮(ନି.ପ୍ର.):ବାଇକ ରାଇଡରଙ୍କ ସନ୍ଦେହଜନକ ମୃତ୍ୟୁ । ବାଇକ ରାଇଡିଂ କୁ ନିଜ ନିଶା ବନାଇଥିବା ସନ୍ଦୀପ କୁମାର ଦାସଙ୍କ ମୃତ୍ୟୁକୁ ନେଇ ଚାଞ୍ଚଲ୍ୟ । ପୁନାମା ଗେଟ ନିକଟ ରେଲୱେ କ୍ରସିଂ ଉପରୁ ମିଳିଛି ସନ୍ଦୀପଙ୍କ କ୍ଷତବିକ୍ଷତ ମୃତଦେହ । ଖବର ପାଇ ଜିଆରପି ଘଟଣାସ୍ଥଳରେ ପହଞ୍ଚିଛି । ପୋଲିସ ଆତ୍ମହତ୍ୟା ନେଇ ସନ୍ଦେହ କରୁଥିବା ବେଳେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ସେପଟେ ଇନଷ୍ଟାଗ୍ରାମରେ ଭିଡିଓ ବନାଇ ଲୋକଙ୍କ ମନୋରଞ୍ଜନ କରୁଥିବା ସନ୍ଦୀପଙ୍କ ମୃତ୍ୟୁକୁ ନେଇ ସୃଷ୍ଟି ହୋଇଛି ଅନେକ ପ୍ରଶ୍ନ । ପାରିବାରିକ ଝଗଡା ନା ଆର୍ଥିକ ସମସ୍ୟା କିମ୍ବା ପ୍ରେମ ରେ ଧୋକା ? ଏସବୁକୁ ନେଇ ଚାଲିଛି ଖୋଳତାଡ଼ । ସନ୍ଦୀପ କରିଥିବା ଶେଷ କଲ୍‌କୁ ମଧ ଯାଞ୍ଚ କରୁଛି ପୋଲିସ ।

## ପିଥୋରାଗଡ଼ର ଏନଏଚପିସି ପାୱାର ହାଉସର ଭୂତଳ ସୁଡ଼ଙ୍ଗରେ ଫସି ରହିଛନ୍ତି ଶ୍ରମିକ

ଡେରାଡୁନ, ୩୧।୮(ନି.ପ୍ର.): ଉତରାଖଣ୍ଡର ପିଥୋରାଗଡ଼ ଜିଲ୍ଲାର ଧାରଚୁଲା ବ୍ଲକ ଆଇଲାଗଡ଼ରେ ନିର୍ମାଣାଧିନ ଭୂତଳ ଏନଏଚପିସି ପାୱାର ହାଉସର ସୁଡ଼ଙ୍ଗ ମୁହଁରେ ଭୂସ୍ଖଳନ ଭଗ୍ନାବଶେଷ ଯୋଗୁଁ ୧୯ ଜଣ ଶ୍ରମିକ ସୁଡ଼ଙ୍ଗ ଭିତରେ ଫସି ରହିଥିଲେ। ଏମାନଙ୍କ ମଧ୍ୟରୁ ୮ ଜଣ ଶ୍ରମିକଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିବା ବେଳେ ୧୧ ଜଣ ଶ୍ରମିକ ଏବେ ବି ସୁଡ଼ଙ୍ଗ ଭିତରେ ଫସି ରହିଛନ୍ତି। ସମସ୍ତଙ୍କୁ ସୁରକ୍ଷିତ ବାହାର କରାଯିବ ବୋଲି କୁହାଯାଇଛି। ପିଥୋରାଗଡ଼ ଜିଲ୍ଲା ମାଜିଷ୍ଟ୍ରେଟ୍ ବିନୋଦ ଗୋସ୍ୱାମୀ କହିଛନ୍ତି ଯେ, ଶନିବାର ସନ୍ଧ୍ୟାରେ ସୁଡ଼ଙ୍ଗର ମୁହଁରେ ହଠାତ୍ ଭୂସ୍ଖଳନ ହୋଇଥିଲା ଏବଂ ପ୍ରବଳ ଭଗ୍ନାବଶେଷ ଏବଂ ପଥର ଯୋଗୁଁ ସୁଡ଼ଙ୍ଗ ପଥ ଅବରୋଧ ହୋଇଯାଇଥିଲା। ସେଥିଯୋଗୁଁ ଏହି ଟନେଲରେ ୧୯ ଜଣ ଶ୍ରମିକ ଫସି ରହିଥିଲେ । ଖବର ମିଳିବା ପରେ ଜିଲ୍ଲା ପ୍ରଶାସନ ବିଆରଓ ର ଯବାନ ଯୁଦ୍ଧକାଳୀନ ଭିତିରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଦେଇଥିଲେ । ସୁଡ଼ଙ୍ଗ ମୁହଁରୁ ଭଗ୍ନାବଶେଷ ହଟାଇ ଦିଆଯାଇଛି ଏବଂ ଜରୁରୀକାଳୀନ ସାଫ୍ଟ ଅଂଚଳକୁ ମଧ୍ୟ ନିରନ୍ତର ସଫା କରାଯାଉଛି । ସେ ସୂଚନା ଦେଇଛନ୍ତି ଯେ, ଏ ପର୍ଯ୍ୟନ୍ତ ଆଠ ଜଣ ଶ୍ରମିକଙ୍କୁ ସୁରକ୍ଷିତ ଭାବରେ ସ୍ଥାନାନ୍ତର କରାଯାଇଛି ଏବଂ ବାକି ୧୧ ଜଣ ଶ୍ରମିକଙ୍କୁ ସୁରକ୍ଷିତ ଭାବରେ ସ୍ଥାନାନ୍ତର କରିବା ପାଇଁ ଯୁଦ୍ଧାଳୀନ ଭିତିରେ ପ୍ରୟାସ କରାଯାଉଛି। ପ୍ରଶାସନ ଏହି ଶ୍ରମିକମାନଙ୍କ ସହିତ ନିରନ୍ତର ଯୋଗାଯୋଗରେ ଅଛି । ଜିଲ୍ଲା ପ୍ରଶାସନ, ବିଆରଓ, ଏନଏପିସି, ଏନଡିଆରଏଫ, ସିଆଇଏସଏଫ ଏବଂ ଅନ୍ୟାନ୍ୟ ଉଦ୍ଧାର ଦଳ ସୁଡ଼ଙ୍ଗରେ ଫସି ରହିଥିବା ଶ୍ରମିକ ମାନଙ୍କୁ ସୁରକ୍ଷିତ ଭାବରେ ବାହାର କରିବା ପାଇଁ କାର୍ଯ୍ୟ କରୁଛନ୍ତି। ଧାରଚୁଲା ଉପ-ଜିଲ୍ଲାପାଳ ଜିତେନ୍ଦ୍ର ବର୍ମା କହିଛନ୍ତି ଯେ, ଧୌଳିଗଂଗା ବିଦ୍ୟୁତ କେନ୍ଦ୍ରର ସୁଡ଼ଙ୍ଗର ମୁଖ୍ୟ ପ୍ରବେଶ ଦ୍ୱାରରେ ବାରମ୍ବାର ଆସୁଥିବା ଆବର୍ଜନାକୁ ସଡ଼କ ସୁରକ୍ଷା ସଂଗଠନ ମାଧ୍ୟମରେ ନିରନ୍ତର ଅପସାରଣ କରାଯାଉଛି। ଘଟଣାସ୍ଥଳରେ ପର୍ଯ୍ୟାପ୍ତ ଯନ୍ତ୍ରପାତି ଏବଂ ସୁରକ୍ଷା ବାହିନୀ ମୁତୟନ କରାଯାଇଛି। ସୁଡ଼ଙ୍ଗ ଭିତରେ ରୋଷେଇ ଏବଂ ଖାଦ୍ୟ ବ୍ୟବସ୍ଥା ପୂର୍ବରୁ ଉପଲବ୍ଧ ଅଛି ।

## ଓଡ଼ିଆ ମହିଳା କ୍ରୀଡ଼ାବିତ୍ ରଶ୍ମିତାଙ୍କ ସହ କଥା ହେଲେ ମୋଦୀ

ଭୁବନେଶ୍ୱର,୩୧।୮(ନି.ପ୍ର.): ୧୨୫ ତମ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଓଡିଆ ଝିଅ ତଥା ଜାତୀୟ କାନୋଇଂ ଖେଳାଳି ରଶ୍ମିତା ସାହୁଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଭବିଷ୍ୟତ ପାଇଁ ମଙ୍ଗଳ କାମନା କରିବା ସହ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ। ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବା ସହ ଖେଳରେ ଦେଶରେ ନାଁ ଉଜ୍ଜ୍ୱଳ କରିଥିବାରୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ। ଖେଲୋ ଇଣ୍ଡିଆ ୱାଟର ସ୍ପୋର୍ଟସରେ ଭାଗ ନେଇ ଥିଲେ ରଶ୍ମିତା। କଟକ ଯୋବ୍ରା ସ୍ଥିତ ମହାନଦୀରେ ନୌକା ଚାଳନା ଏବଂ ସନ୍ତରଣ ପାଇଁ ଅଭ୍ୟାସ କରୁଥିଲେ।



ପ୍ରଧାନମନ୍ତ୍ରୀଙ୍କ ସହ କଥାବାର୍ତ୍ତା କରି ରଶ୍ମିତା କହିଛନ୍ତି,ମୁଁ ଜଣେ କାୟାକିଂ-କାନୋଇଂ ଖେଳାଳି ମୁଁ ପ୍ରଧାନମନ୍ତ୍ରୀଙ୍କ ସହ କଥା ହୋଇଛି ।ଏହା ବହୁତ ଭଲ ଲାଗିଲା ତାଙ୍କ ସହ କଥା ହୋଇ। ମୁଁ ଆଶ୍ଚର୍ଯ୍ୟ ହୋଇଗଲି ଏହା ମୋ ପାଇଁ, ମୋ ପ୍ରଶିକ୍ଷକ, ମୋ ପରିବାର ଏବଂ ମୋ ଗାଁ ପାଇଁ ଏକ ଗର୍ବର ମୁହୂର୍ତ୍ତ ଥିଲା। ମୁଁ ତାଙ୍କ ସହ କଥା ହୋଇ ବେଶ୍ ଖୁସି ଆମେ ଖେଳାଳି ଆମକୁ ଦେଶ ପାଇଁ ପ୍ରଦର୍ଶନ କରିବାକୁ ପଡିବ।

ପ୍ରଧାନମନ୍ତ୍ରୀ: ରଶ୍ମିତା, କ୍ରୀଡା ଜଗତରେ ତୁମର ସଫଳତା ପାଇଁ ଅଭିନନ୍ଦନ ତୁମର ଯାତ୍ରା ବିଷୟରେ ଆମକୁ କୁହ।ରଶ୍ମିତା: ମୁଁ ଓଡ଼ିଶାର ଏବଂ ୨୦୧୭ ମସିହାରେ କାନୋଇଂ ଆରମ୍ଭ କରିଥିଲି। ମୁଁ ଜାତୀୟ ଚାମ୍ପିଅନସିପ୍ ଏବଂ କ୍ରୀଡାରେ ଅଂଶଗ୍ରହଣ କରି ୪୧ ପଦକ ଜିତିଛି । ସେଥିରେ ୧୩ ସ୍ୱର୍ଣ୍ଣ, ୧୪ ରୌପ୍ୟ ଏବଂ ୧୪ କାଂସ୍ୟ ପଦକ ରହିଛି ମୋ ଗାଁ ପାଖରେ ଏକ ନଦୀରେ ଡଙ୍ଗା ଦେଖି ମୁଁ ପ୍ରଥମେ କାନୋଇଂ କରିବାକୁ ଚାହିଁଥିଲି କରିଥିଲି ।ମୋ ବାପାଙ୍କ ପ୍ରୋତ୍ସାହନରେ, ମୁଁ ଜଗତପୁରର ଏସଏଆଇ କ୍ରୀଡ଼ା କେନ୍ଦ୍ରରେ ଯୋଗଦେଇଥିଲି । ପ୍ରଧାନମନ୍ତ୍ରୀ: ପ୍ରଥମ ଥର ପାଇଁ ଖେଲୋ ଇଣ୍ଡିଆ। ମହୋତ୍ସବ ପାଇଁ କଶ୍ମୀର ଯାଇଥିଲ ଅଭିଜ୍ଞତା କିପରି ଥିଲା ? ରଶ୍ମିତା: ଏହା ବହୁତ ସ୍ୱତନ୍ତ୍ର ଥିଲା ମୁଁ ସିଙ୍ଗଲ୍ସ ୨୦୦ ମିଟର ଏବଂ ଡବଲ୍ସ ୫୦୦ ମିଟର ଇଭେଣ୍ଟରେ ଅଂଶଗ୍ରହଣ କରିଥିଲି ।ଉଭୟରେ ସ୍ୱର୍ଣ୍ଣ ପଦକ ଜିତିଥିଲି । ପରିବେଶ ଅତ୍ୟନ୍ତ ଉତ୍ସାହଜନକ ଥିଲା।

ପ୍ରଧାନମନ୍ତ୍ରୀ: ଖେଳ ବ୍ୟତୀତ ଆଉ କଣ ହବି ଅଛି ?

ରଶ୍ମିତା: ମୁଁ ଦୌଡ଼ିବା ଏବଂ ଫୁଟବଲ୍ ଖେଳିବାକୁ ମଧ ଭଲ ପାଏ ସ୍କୁଲରେ ମୁଁ ଯେଉଁ ଇଭେଣ୍ଟରେ ଅଂଶଗ୍ରହଣ କରୁଥିଲି ସେଥିରେ ଚାମ୍ପିଅନ୍ ହେଉଥିଲି।

ପ୍ରଧାନମନ୍ତ୍ରୀ: ଯୁବ ଆଶାୟୀମାନଙ୍କୁ କଣ ବାର୍ତ୍ତା ଦେବେ ?

ରଶ୍ମିତା: ପରୀକ୍ଷା ଯୋଗୁ ଅନେକ ପିଲା,ବିଶେଷକରି ଝିଅମାନଙ୍କୁ ବାହାରକୁ ଯିବାକୁ କିମ୍ବା ଖେଳ ଛାଡିବାକୁ ଅନୁମତି ଦିଆଯାଉନାହିଁ। ଖେଲୋ ଇଣ୍ଡିଆ। ଭଳି ଯୋଜନା ଖେଳାଳିମାନଙ୍କୁ ଆର୍ଥିକ ଭାବରେ ସାହାଯ୍ୟ କରୁଛି ଏବଂ ସେମାନଙ୍କୁ ଖେଳ ଜାରି ରଖିବାକୁ ପ୍ରେରଣା ଦେଉଛି। ମୋର ବାର୍ତ୍ତା ହେଉଛି, ହାର ମାନନ୍ତୁ ନାହିଁ ଖେଳ କେବଳ ପଦକ ଆଣେ ନାହିଁ ବରଂ ସୁସ୍ଥ ମଧ ରଖେ।

## ସତ୍ୟବିହାରରେ ନୋ ଲିମିଟ ବାରରେ ପାର୍କିଂକୁ ନେଇ ଗଣ୍ଡଗୋଳ

ଭୁବନେଶ୍ୱର,୩୧।୮(ନି.ପ୍ର.): ସତ୍ୟବିହାରରେ ନୋ ଲିମିଟ ବାରରେ ପାର୍କିଂକୁ ଗଣ୍ଡଗୋଳ । ବାଉନ୍ସରକୁ ଛୁରା ମାଡ଼ କରି ଦୁର୍ବୃତ୍ତ ଫେରାର ହୋଇଯାଇଛି । ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତି କରାଯାଇଛି । ତାଙ୍କ ହାତ, ମୁଣ୍ଡ ଓ ଦେହରେ ଗଭୀର ଆଘାତ ଲାଗିଛି । ଦୁଇଟି ଗାଡିକୁ ମଧ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଛନ୍ତି । ଗାଡି ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି ମଞ୍ଚେଶ୍ୱର ଥାନା ପୋଲିସ ।

## ସାନିଟାରୀ ୱେଷ୍ଟଜରୁ ପ୍ରସ୍ତୁତ ହେବ ଇଟା

ଭୁବନେଶ୍ୱର,୩୧।୮(ନି.ପ୍ର.): ଗାଡ଼କଣ ଡମ୍ପିୟାଡ଼ରେ ଆଜିଠୁ ଆରମ୍ଭ ହୋଇଛି ପ୍ଲାଜାମ ସେଣ୍ଟର । ଯେଉଁଠି ସାନିଟାରୀ ୱେଷ୍ଟଜ ପ୍ରସ୍ତୁତ ହେବ ଇଟା । ଦୈନିକ ୭ ରୁ ୮ ଟନ ଆବର୍ଜନା ସଂଗ୍ରହ ହେଉଛି । ତାହାକୁ ପ୍ରଥମେ ନିଆଁରେ ପୋଡି ପ୍ରୋସେସିଂ କରାଯାଇ ପାଉଁଶ ବାହାରିବ । ଏବଂ ସେହି ପାଉଁଶ କୁ ପୁନଃ ପ୍ରୋସେସିଂ କରି ପ୍ରସ୍ତୁତ ହେବ ଇଟା ।

## ଡିସେମ୍ବରରେ ମହାନଦୀ ବିବାଦ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ସ୍ତରରେ ଆଲୋଚନା

ଭୁବନେଶ୍ୱର, ୩୧।୮(ନି.ପ୍ର.): ମହାନଦୀ ବିବାଦର ସମାଧାନ ହେବ । ମୁଖ୍ୟ ଶାସନ ସଚିବ ସ୍ତରରେ ଆଲୋଚନା ହୋଇଛି । ଡିସେମ୍ବରରେ ମୁଖ୍ୟମନ୍ତ୍ରୀ ସ୍ତରରେ ଆଲୋଚନା ହେବ । ଏନେଇ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ପୂର୍ବ ସରକାର ସମୟରେ କେସ ନାଁରେ କେବଳ କେସ୍ ହୋଇଥିଲା । ଏଥିରେ ବହୁତ କିଛି ନାହିଁ । କେନ୍ଦ୍ର ଗୃହ ମନ୍ତ୍ରୀ କହିଛନ୍ତି ଆପୋଷ ବୁଝାମଣା ପାଇଁ । ବିଜେଡ଼ିର ନୈତିକ ସାହସ ନାହିଁ ଦୋଷ ଦେବାକୁ । ସମୟ ଆମେ ଗଡାଇବୁ ନାହିଁ । ବିଜେଡି ସରକାରରେ ଥିବା ସମୟରେ କେସ କରିଥିଲେ ସମୟ ଗଡାଇବା ପାଇଁ । କେସ୍ କଲେ କଣ ହେବ, ସେମାନେ ମହାନଦୀ ପାଇଁ ଗୋଟିଏ ବ୍ୟାରେଜ ବି କରିପାରିଲେ ନାହିଁ । ଛତିଶଗଡ଼ କଲା କିନ୍ତୁ ଆମେ କରିପାରିଲେ ନାହିଁ । ଦୋଷ କାହିଁକି ଦେବା ଆମେ ।



# ଗଣେଶପୂଜା ମେଲୋଡିର ଅଶ୍ଳୀଳ ନୃତ୍ୟ ଓ ସଙ୍ଗୀତ ପରିବେଷଣକୁ ଘୋର ବିରୋଧ

**ଜଗତସିଂହପୁର,୩୧ ।୮ :(ମନ୍ଥନ)**ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବଡ ବଜାର ଅଟୋ ଷ୍ଟାଣ୍ଡ ନିକଟରେ ହେଉଥିବା ମେଲୋଡି ଅଶ୍ଳୀଳ ନୃତ୍ୟ ପରିବେଷଣ କୁ କାର୍ଯ୍ୟକ୍ରମ କୁ ବନ୍ଦ କରିବା ନିମନ୍ତେ କେତକ ବୁଦ୍ଧିଜୀବୀ ଏସପି ଏବଂ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଆଜିର ଏହି କଳୁଷିତ ପ୍ରଥାକୁ ବୁଦ୍ଧିଜୀବୀ ମହଲରେ ଘୋର ନିନ୍ଦା କରିଛନ୍ତି. ଅଶ୍ଳୀଳ ନୃତ୍ୟ ସଙ୍ଗୀତ ପରିବେଷଣ ଦ୍ୱାରା ଆଜିର ଯୁବପିଢ଼ି ଓ ସମାଜ ପାଇଁ ଅଧୋପତନ ର ମୁଖ୍ୟ କାରଣ ବୋଲି ଅଞ୍ଚଳବାସି ମତ ଦେଇଚନ୍ତି. ଏହି ମେଲୋଡି ର ଅଶ୍ଳୀଳ ନୃତ୍ୟ ପରିବେଷଣ କୁ ଘୋର ବିରୋଧ କରୁଥିବା ସତ୍ୟ ନାରାୟଣ ଦାସ,ମିନାକ୍ଷୀ ଦାସ ବାଇଧର ସେନାପତି,ସର୍ବେଶ୍ୱର ପୃଷ୍ଟି,ଗଗନ ଚନ୍ଦ୍ର ଦାସ,କ୍ରିଷ୍ଣା ମହାନ୍ତି,ବାସନ୍ତୀ ସେନାପତି ପ୍ରମୁଖ ଅଞ୍ଚଳ ବାସୀ ।

# ବାଇକ୍ ଧକ୍କାରେ ସାଇକେଲ ଚାଳକ ଗୁରୁତର

**ବୁଗୁଡା,୩୧ ।୮ :(ମନ୍ଥନ)** ସ୍ଥାନୀୟ ବଡଦାଣ୍ଡରେ ଏକ ବାଇକ୍ ଧକ୍କାରେ ଜଣେ ସାଇକେଲ ଚାଳକ ଗୁରୁତର ହୋଇଥିବା ଜଣାଯାଇଛି । ଗୁରୁତର ଜଣକ ହେଲେ ବୁଗୁଡା ରଘୁନାଥ ସାହି ନିବାସୀ ଭୋବନି ପଣ୍ଡା (୭୨) । ପ୍ରକାଶ ଯେ, ଆଜି ଅପରାହ୍ନରେ ଭୋବନି ସାଇକେଲରେ ଘରକୁ ଯାଉଥିବା ବେଳେ ବଡଦାଣ୍ଡଠାରେ ଏକ ବାଇକ ତାଙ୍କ ସାଇକେଲକୁ ଧକ୍କା ଦେବାରୁ ସେ ଫୋପାଡି ହୋଇପଡିଥିଲେ । ତାଙ୍କୁ ସେଠାରୁ ଆହତ ଅବସ୍ଥାରେ ଉଦ୍ଧାର କରି ମେଡିକାଲକୁ ଅଣାଯାଇଥିଲା । ଦୁର୍ଘଟଣାରେ ତାଙ୍କର ଡାହାଣ ହାତ ଭାଙ୍ଗିଯାଇଥିବା ବେଳେ ଡାହାଣ ଗୋଡରେ ମଧ ଆଘାତ ଲାଗିଥିଲା । ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭୁବନେଶ୍ୱରରକୁ ସ୍ଥାନାନ୍ତର କରାଯାଇଥିଲା ।

# ଗୋମାଫିଆଙ୍କ ଆତଙ୍କରାଜ : ଫେଲ୍ ମାରିବ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା

**ଭୁବନେଶ୍ୱର,୩୧ ।୮ :(ମନ୍ଥନ)** ଗୋ ମାଫିଆଙ୍କର ଆତଙ୍କରାଜ ଯୋଗୁଁ ମୁଖ୍ୟମନ୍ତ୍ରୀଙ୍କର ସମୃଦ୍ଧ ଓଡ଼ିଶା ଗଠନ ସ୍ୱପ୍ନ ସଫଳ ହେବ କି ? ଗ୍ରାମାଞ୍ଚଳର ଅର୍ଥନୀତିକୁ ସମୃଦ୍ଧ କରିବା ପାଇଁ ସରକାର ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ପ୍ରଚଳନ କଲେ । ଚାଷୀମାନେ ବହୁ ଆଗ୍ରହର ସହିତ ଏହି ଯୋଜନାକୁ ଆପଣେଇ ନେଇଛନ୍ତି । ଏହି ଯୋଜନା ଅନୁଯାୟୀ ଜଣେ ଚାଷୀ ବାହାର ରାଜ୍ୟରୁ ଉନ୍ନତ ଧରଣର ଦୁଧିଆଳି ଗାଇ ଆଣି ଦୁଗ୍ଧ ଉତ୍ପାଦନ କଲେ ଆବଶ୍ୟକ ସରକାରୀ ସବ୍‌ସିଡ୍ ପାଇପାରବ ଏବଂ ତାକୁ ଅନ୍ୟାନ୍ୟ ସହାୟତା ମିଳିପାରିବ । କିନ୍ତୁ ଦୁଃଖ ଓ ପରିତାପର କଥା ଓଡ଼ିଶାର ଏହି କାମଧେନୁ ଯୋଜନାରେ ଲାଭାନ୍ୱିତ ହେଉଥିବା ଚାଷୀମାନେ ଯେତେବେଳେ ଆନ୍ଧ୍ର, ତେଲେଙ୍ଗାନା ଆଦି ରାଜ୍ୟର ଉନ୍ନତଧରଣର ଦୁଧିଆଳି ଗାଇ ଆଣି ଓଡ଼ିଶା ଆସୁଛନ୍ତି, ସମସ୍ତ କାଗଜପତ୍ର ଠିକ୍ ଥିବା ସତ୍ତ୍ୱେ ସେମାନେ ଗୋ ମାଫିଆମାନଙ୍କର ରକ୍ତାକ୍ତ ଆକ୍ରମଣର ଶିକାର ହେଉଛନ୍ତି । ତାହାର ଜ୍ୱଳନ୍ତ ଉଦାହରଣ ହେଉଛି ୨୮ ତାରିଖ ଦିନ ରାତି ୯ଟା ବେଳେ ଆନ୍ଧ୍ରରୁ ଗାଇ ନେଇ ଆସୁଥିବା ଦୁଗ୍ଧଚାଷୀମାନଙ୍କ ଉପରେ ଗୋ-ମାଫିଆ ମାନଙ୍କର ରକ୍ତାକ୍ତ ଆକ୍ରମଣ । ଖଣ୍ଡଗିରି ଥାନା ପୋଲିସ୍ ତୁରନ୍ତ ଘଟଣାସ୍ଥଳକୁ ଯାଇଥିଲେ ସୁଦ୍ଧା ଆକ୍ରମଣକାରୀଙ୍କ କବଳରୁ ଦୁଗ୍ଧଚାଷୀମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିଲା । ଗୋମାଫିଆମାନଙ୍କ ଭିତରୁ ତିନିଦିନ ବିତିଯାଇଥିଲେ ସୁଦ୍ଧା ମାତ୍ର ୩ଜଣଙ୍କୁ ପୋଲିସ୍ ଗିରଫ କରି ଗତକାଲି ଜେଲ୍ ପଠାଇଛି । ଆହୁରି ୫୦ରୁ ୬୦ ଗୋ ମାଫିଆ ଖୋଲାଖୋଲି ବୁଲୁଛନ୍ତି ଏବଂ ଚାଷୀମାନଙ୍କୁ ଧମକ୍‌ଚମକ୍ ଦେଉଛନ୍ତି ବୋଲି ଆଜିର ଏକ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ, ଦୁଗ୍ଧ ଉତ୍ପାଦନକାରୀ ସଂଘ, ଭୁବନେଶ୍ୱର, ଅଲ୍ ଓଡ଼ିଶା ଗୋପାଳ ସମାଜ ଓ ଅଲ୍ ଓଡ଼ିଶା ଗୋପାଳ ଯାଦବ ମହାସଂଘ ସମେତ ବହୁ ଦୁଗ୍ଧଚାଷୀ ଅଭିଯୋଗ କରିଛନ୍ତି । ଓଡ଼ିଶା ଦୁଗ୍ଧଚାଷୀ ମହାସଂଘର ରାଜ୍ୟ ଅଧ୍ୟକ୍ଷ ରବି ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ, ଗତ ସପ୍ତାହରେ ମତ୍ସ୍ୟ ପ୍ରାଣୀ ସମ୍ପଦ ବିଭାଗର ଯୋଜନା ଉପରେ ମୂଲ୍ୟାୟନ କରି ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୈନିକ କ୍ଷୀର ଉତ୍ପାଦନ ୭୫ଲକ୍ଷ ଲିଟରରୁ ୧୩୦ ଲକ୍ଷ ଲିଟରକୁ ବୃଦ୍ଧି କରିବା ପାଇଁ ପଦକ୍ଷେପ ନେବାକୁ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଜରିଆରେ ହିତାଧିକାରୀମାନଙ୍କୁ ସବ୍‌ସିଡ୍‌ରେ ଦୁଇଟି ଲେଖାଏ ଗାଈ ଦେଇ ଏହି ଯୋଜନାର ସଫଳ ରୂପାୟନ କିଭଳି କରାଯାଇପାରିବ, ସେ ଦିଗରେ ସବୁ ପଦକ୍ଷେପ ନେବାପାଇଁ ପ୍ରଶାସନକୁ ସତର୍କ କରାଇ ଦେଇଛନ୍ତି । କିନ୍ତୁ ଦୁଃଖର କଥା, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାର ହିତାଧିକାରୀମାନେ ଯେତେବେଳେ ଆନ୍ଧ୍ରପ୍ରଦେଶରୁ ଗାଈ କିଣି ଓଡ଼ିଶା ଫେରୁଥିଲେ, ସେତିକିବେଳେ ଗତ ୨୮ ତାରିଖ ରାତି ପାଖାପାଖି ୯ ଘଟିକା ସମୟରେ ୭୦ ରୁ ୮୦ ଜଣ ଗୋମାଫିଆ ଏହି ଗାଈ ଟ୍ରକ ଗୁଡ଼ିକୁ ବରମୁଣ୍ଡା ଓଭରବ୍ରିଜ୍ ଉପରେ ଘେରିଯାଇ 'ଜୟ ଶ୍ରୀରାମ' ନାରାଦେଇ ଏହି ଦୁଗ୍ଧଚାଷୀ ଓ ଟ୍ରକ ଗୁଡ଼ିକ ଉପରେ ଆକ୍ରମଣ କରିଥିଲେ । ଫଳରେ ସେହି ଜାଗାରେ ୪ଜଣ ଚାଷୀ ଆହତ ହେବା ସହିତ ୩ଟି ପିକ୍‌ପ୍ ଭ୍ୟାନ୍ ଭାଙ୍ଗିରୁଜି ଯାଇଥିଲା ଓ ଘଟଣାସ୍ଥଳରେ ଗୋଟିଏ କଅଁଳା ବାଛୁରୀର ମୃତ୍ୟୁ ମଧ ଘଟିଥିଲା । ବଜରଙ୍ଗ ଦଳର ତଥାକଥିତ ଏହି ଗୋମାଫିଆ କବଳରୁ ଘଟଣାସ୍ଥଳରେ ଯାଇ ତତ୍କାଳନ ପହଞ୍ଚିଥିବା ଖଣ୍ଡଗିରି ପୋଲିସ୍ ଦୁଗ୍ଧଚାଷୀମାନଙ୍କୁ ଆବଶ୍ୟକୀୟ ସୁରକ୍ଷା ମାତ୍ର ଦେଇପାରିନଥିଲେ । ଗୋମାଫିଆ ମାନେ ଚାଷୀମାନଙ୍କଠାରୁ ୭୦ ହଜାର ଟଙ୍କା ଛଡ଼ାଇ ନେଇ ଘଟଣାସ୍ଥଳରୁ ପୋଲିସ୍‌କୁ ନାଲି ଆଖି ଦେଖାଇ ଚମ୍ପଟ୍ ମାରିଥିଲେ । ସେମାନଙ୍କ ମଧ୍ୟରୁ ୩ଜଣ ଗୋମାଫିଆଙ୍କୁ ଗିରଫ କରିବାରେ ଖଣ୍ଡଗିରି ପୋଲିସ୍ ସକ୍ଷମ ହୋଇଥିଲା । ଆଜି ସେମାନଙ୍କୁ ଜେଲ୍ ହାଜତକୁ ଚାଲାଣ କରାଯାଇଛି ବୋଲି ପୋଲିସ୍ ସୂତ୍ରରୁ ପ୍ରକାଶ କରାଯାଇଛି ।

# ଚାନ୍ଦା ଆଦାୟକୁ ବିରୋଧ କରିବାରୁ ମରଣାନ୍ତକ ଆକ୍ରମଣ

**କେନ୍ଦ୍ରାପଡ଼ା,୩୧ ।୮ :(ମନ୍ଥନ)**ଚାନ୍ଦା ଆଦାୟକୁ ବିରୋଧ କରିବାରୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ସଦର ଥାନାରେ ଅଭିଯୋଗ ହୋଇଛି। କେନ୍ଦ୍ରାପଡା ସଦର ଥାନା ଅଧିନ ଜମଧର ଗ୍ରାମପଞ୍ଚାୟତର ବଳଭଦ୍ରପୁର ଗ୍ରାମର କୈଳାସ ଚନ୍ଦ୍ର ସେଠୀ ସଦର ଥାନାରେ ଅଭିଯୋଗ କରିଛନ୍ତି ଯେ ଦୁହୁରିଆଛକସ୍ଥିତ ତାଙ୍କ ମାଛଦୋକାନ ସମ୍ମୁଖରେ ଶୁକ୍ରବାର ପ୍ରାୟ ଅପରାହ୍ନ ଗୋଟାଏ ସମୟରେ କେତେକ ଲୋକ ସଙ୍ଘବଦ୍ଧ ହୋଇ ଲୋକମାନଙ୍କ ଠାରୁ ଜୋରଜବରଦସ୍ତ ଚାନ୍ଦା ଆଦାୟ କରୁଥିଲେ। କୈଳାସ ଏହା ଦେଖି ଚାନ୍ଦାଆଦାୟକାରୀଙ୍କୁ କହିଲେ ଯେ ତାଙ୍କ ଦୋକାନ ଆଗରୁ ଦୂରକୁ ଯାଇ ଚାନ୍ଦା ଆଦାୟ କର। ଏଥିରେ ସେମାନେ ରାଗିଯାଇ କୈଳାସକୁ ଜାତିଆଣ ଆକ୍ଷେପ କରିବା ସହ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି ତଳେ ପକାଇଦେଇ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ କୈଳାସ ଗୁରୁତର ଭାବେ ଆହତ ହୋଇଥିଲେ। କୈଳାସର ପାଟିଶୁଣି ସ୍ଥାନୀୟ ଲୋକେ ତାକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏସମ୍ପର୍କରେ ସଦର ଥାନା ଅଧିକାରୀଙ୍କୁ ପଚାରିବାରେ ସେ କହିଥିଲେ ଯେ ଆମେ ଅଭିଯୋଗ ପାଇ ତଦନ୍ତ କରୁଛୁ। ତଦନ୍ତ ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।



# ଗଜଲକ୍ଷ୍ମୀ ପୂଜାପାଇଁ ନେତାଜୀ ଯୁବ ପରିଷଦର ପ୍ରସ୍ତୁତି ବୈଠକ

**କେନ୍ଦ୍ରାପଡ଼ା,୩୧ ।୮ :(ମନ୍ଥନ)**ଆସନ୍ତା ଗଜଲକ୍ଷ୍ମୀ ପୂଜା ପାଇଁ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଗରାପୁର ନେତାଜୀ ଯୁବ ପରିଷଦ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ କପାଳେଶ୍ୱର ପଞ୍ଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ମୃତ୍ୟୁଞ୍ଜୟ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଓ ସଂପାଦକ ସରୋଜକାନ୍ତ ସାହୁଙ୍କ ପରିଚାଳନାରେ ଏହି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସଭାପତି ଘୋଷଣା କରିଥିଲେ ଯେ ଚଳିତ ବର୍ଷ ଗଜଲକ୍ଷ୍ମୀ ପୂଜାରେ ପୂଜା ସହିତ ସେବା ମୂଳକ କାର୍ଯ୍ୟ ମଧ କରାଯିବ। ଚଳିତ ବର୍ଷ ଗଜଲକ୍ଷ୍ମୀ ପୂଜା ନିମନ୍ତେ ୧୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ସେହିପରି ପରିଷଦର ସଦସ୍ୟମାନେ ଟ୍ରାଫିକ



ପରିଚାଳନା ପାଇଁ ପୋଲିସକୁ ସହଯୋଗ କରିବେ। ଏଥିସହ ଶାନ୍ତିଶୃଙ୍ଖଳାର ସହ କିପରି ପୂଜା ହୋଇପାରିବ ସେ ନେଇ ପରିଷଦ ଗୁରୁତ୍ୱ ଦେବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପିଣ୍ଟୁ ମହାନ୍ତି, ଜୟନ୍ତ ମହାନ୍ତି, ଅଜୟ ମଲ୍ଲିକ, ଅନନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ସବ୍-ଜୋନ୍ ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା

**ବୁଗୁଡା,୩୧ ।୮ :(ମନ୍ଥନ)**ବୁଗୁଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ପିପୁଲ୍ସ ହାଇସ୍କୁଲ ମିନି ଷ୍ଟାଡିୟମରେ ବୁଗୁଡା ଏବଂ ବାଲିପଦର ସବ୍-ଜୋନ୍ ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବୁଗୁଡ଼ା ବ୍ଲକ ସ୍କୁଲ ସ୍ପୋର୍ଟସ ଏସୋସିଏସନ ସଭାପତି ତଥା ବିଇଓ ଚିନ୍ମୟ ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପିପୁଲ୍ସ ହାଇସ୍କୁଲ ପ୍ରଧାନ ଶିକ୍ଷକ କାଳି ଚରଣ ବେହେରା, ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କୃଷ୍ଣପ୍ରିୟା ମହାରଣା, ବୁଦ୍ଧଗିରି ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ମୀନ କେତନ ବେହେରା ଯୋଗ ଦେଇ କ୍ରୀଡା ପ୍ରତିଯୋଗୀଙ୍କୁ ମାର୍ଗ ଦର୍ଶନ କରିବା ସହ ଉତ୍ସାହିତ କରିଥିଲେ । ଏ ଅବସରରେ ଉଭୟ ବରିଷ୍ଠ ଓ କନିଷ୍ଠ ବର୍ଗର ପ୍ରତିଯୋଗୀଙ୍କ ମଧ୍ୟରେ କବାଡି, ଖୋ-ଖୋ, ଦୌଡ, ଲଙ୍ଗ୍ ଜମ୍ପ, ହାଇ ଜମ୍ପ୍, ସଟପୁଟ୍ ଥ୍ରୋ, ଡିସକସ୍ ଥ୍ରୋ, ଜଭଲିନ୍ ଥ୍ରୋ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବୁଗୁଡା ବ୍ଲକ ସ୍କୁଲ ସ୍ପୋର୍ଟସ ଏସୋସିଏସନ ସେକ୍ରେଟାରୀ ବିଶ୍ୱେଶ୍ୱର ଗିରିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କ୍ରୀଡା ପ୍ରତିଯୋଗିତା ଗୁଡିକୁ ପିପୁଲ୍ସ କଲେଜ କ୍ରୀଡା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ରଙ୍କ ସମେତ ବିଭିନ୍ନ ହାଇସ୍କୁଲର କ୍ରୀଡା ଶିକ୍ଷକ ପ୍ରଣବ ମହନ୍ତ , ଲଳିତ ମୋହନ ସ୍ୱାଇଁ , ବିନୋଦ ବେହେରା, ଭଞ୍ଜ କିଶୋର ଗୌଡ଼, ଲିଙ୍ଗରାଜ ବାରିକ,ଲକ୍ଷ୍ମଣ ବେହେରା, ଅମୀୟ ରଞ୍ଜନ ଭୂୟାଁ ଓ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ ।



# କୋଣାର୍କରେ ଜାତୀୟ କ୍ରୀଡା ଦିବସ ପାଳିତ

**କୋଣାର୍କ, ୩୧ ।୮ :(ମନ୍ଥନ)**କାଣାର୍କ ନିକଟସ୍ଥ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର୍ ବିଦ୍ୟାପୀଠ, ନୂଆଗାଁ, ଓ ନୂଆଗାଁ ପ୍ରାଥମିକ ବିଦ୍ୟାଳୟର ମିଳିତ ସହଯୋଗରେ ବିଦ୍ୟାଳୟ ପରିସରରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମକୃଷ୍ଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ସି ଆର ସି ସି ରବୀନ୍ଦ୍ର ନାଥ ବାହିନୀପତି କ୍ରୀଡା ପତାକା ଦେଖାଇ ଶୁଭାରମ୍ଭ କରିଥଲେ । ଅନ୍ୟ ଅତିଥି ଭାବେ କୋଣାର୍କ ଉଚ୍ଚ ବିଦ୍ୟାଳୟର ଏନ ସି ସି ଅଧିକାରୀ ଦିଲ୍ଲିପ କୁମାର ନାୟକ, ସତ୍ୟସାଇ ସେବା ସଂଗଠନର ଜିଲ୍ଲା ସଭାପତି ବଂଶୀଧର ମହାପାତ୍ର, ବିଜ୍ଞାନ ସାହୁ, ପ୍ରମୁଖ ଯୋଗ ଦେଇ ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ ପ୍ରତ୍ୟେକ ବିଦ୍ୟାଳୟରେ କ୍ରୀଡା ଦିବସ ପାଳନ କରାଯାଇଅଛି। ଏହି କାର୍ଯ୍ୟକ୍ରମକୁ କ୍ରୀଡା ଶିକ୍ଷକ ନିହାରିକା ମହାନ୍ତି ଓ ମହାପ୍ରସାଦ ମହାରଣା ପରିଚାଳନା କରିଥିବା ବେଳେ କୃତୀ କ୍ରୀଡାବିତ ମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା ।



# ସାଂସଦ ଖେଳ ମହୋତ୍ସବ ନିମନ୍ତେ କଟକ ଜିଲ୍ଲାରେ ପଞ୍ଜୀକରଣ ଆରମ୍ଭ

**କଟକ,୩୧ ।୮ :(ମନ୍ଥନ)**ବିକଶିତ ଭାରତ ପାଇଁ ସୁସ୍ଥ ରହିବେ ଯୁବବର୍ଗ, ଏହି ଉଦ୍ଦେଶ୍ୟ ନେଇ କଟକରେ ଆରମ୍ଭ ହେବାକୁ ଯାଉଛି ସାଂସଦ ଖେଳ ମହୋତ୍ସବ । ଏଥିପାଇଁ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛିୟ ବିଭିନ୍ନ କ୍ରୀଡାରେ ଭାଗ ନେବା ନିମନ୍ତେ ଆଜି ଜାତୀୟ କ୍ରୀଡା ଦିବସରୁ ପଞ୍ଜୀକରଣ ଆରମ୍ଭ ହୋଇଛ । ସାଂସଦ ଖେଳ ମହୋତ୍ସବରେ ଭାଗ ନେବା ପାଇଁ ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି । ବିଭିନ୍ନ କଲେଜରେ ଛାତ୍ରଛାତ୍ରୀମାନେ ଅନଲାଇନ ମାଧ୍ୟମରେ ପଞ୍ଜୀକରଣ କରୁଛନ୍ତି । ପିଲାମାନଙ୍କୁ ଖେଳ ପ୍ରତି ଆକର୍ଷିତ କରାଇବା ସହ ସମସ୍ତଙ୍କ ମଧ୍ୟରେ ଏକ ଖେଳୁଆଡ ମନୋଭାବ ଜାଗ୍ରତ କରାଇବା ଉଦ୍ଦେଶ୍ୟରେ ଏଥିରେ କ୍ରିକେଟ, ଭଲି, ଫୁଟବଲ, ଖୋଖୋ, କବାଡି, ମାରାଥନ ଓ ପାରମ୍ପରିକ ଖେଳ ସ୍ଥାନ ପାଇଛି । ୧୭ ବର୍ଷରୁ କମ ବାଳକ ଓ ବାଳିକା, ୨୫ ବର୍ଷରୁ କମ ମହିଳା ଓ ପୁରୁଷ ଏବଂ ୨୫ ବର୍ଷରୁ ଅଧିକ ମହିଳା ଓ ପୁରୁଷ ଭଳି ବିଭିନ୍ନ ବର୍ଗରେ କ୍ରୀଡ଼ାବିତମାନେ ନିଜ ନିଜର ନାମ ପଞ୍ଜୀକୃତ କରୁଛନ୍ତି ।ଏହି କ୍ରୀଡା ପ୍ରତିଯୋଗିତା ପ୍ରଥମେ ପଞ୍ଚାୟତ ସ୍ତରୀୟ, ମଣ୍ଡଳ ସ୍ତରୀୟ, ବ୍ଲକ ସ୍ତରୀୟ ଓ ଶେଷରେ ସଂସଦୀୟ କ୍ଷେତ୍ର ସ୍ତରୀୟରେ ଅନୁଷ୍ଠିତ ହେବୟ ଆଜି ପ୍ରଥମ ଦିନରେ ପ୍ରାୟ ୭୦ ଜଣ କ୍ରୀଡ଼ାବିତ ବିଭିନ୍ନ ପ୍ରତିଯୋଗିତା ପାଇଁ ପଞ୍ଜୀକରଣ କରିଛନ୍ତି ।ଆସନ୍ତା ସେପ୍ଟେମ୍ବର ୨୮ ତାରିଖରୁ ଖେଳ ଆରମ୍ଭ ହୋଇ ଡିସେମ୍ବର ୨୫ ତାରିଖ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ଗ୍ରାଣ୍ଡ ଫାଇନାଲ ଅନୁଷ୍ଠିତ ହେବ ।

# ସେପ୍ଟେମ୍ବର ମାସ ପାଇଁ କେନ୍ଦୁଝର ଜିଲ୍ଲାରେ ମିଳିତ ସାଧାରଣ ଅଭିଯୋଗ ଶୁଣାଣି କାର୍ଯ୍ୟସୂଚୀ ପ୍ରକାଶିତ

**କେନ୍ଦୁଝର,୩୧ ।୮ :(ମନ୍ଥନ)**ଜିଲ୍ଲା ପ୍ରଶାସନ ତରଫରୁ ସେପ୍ଟେମ୍ବର ମାସ ପାଇଁ ମିଳିତ ସାଧାରଣ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୂଚୀ ପ୍ରକାଶ କରାଯାଇଛି । ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ଶୁଣାଣିଗୁଡ଼ିକ ନିମ୍ନଲିଖିତ ତାରିଖ ଏବଂ ସ୍ଥାନରେ ସକାଳ ୧୦:୦୦ ରୁ ଅପରାହ୍ନ ୧:୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ;୦୧ ସେପ୍ଟେମ୍ବର ୨୦୨୫ (ସୋମବାର) - ଦରବାର ହଲ, କଲେକ୍ଟରେଟ୍, କେନ୍ଦୁଝର୦୮ ସେପ୍ଟେମ୍ବର ୨୦୨୫ (ସୋମବାର) - ବ୍ଲକ ଅଫିସ, ଘଟଗାଁ ୧୫ ସେପ୍ଟେମ୍ବର ୨୦୨୫ (ସୋମବାର) - ବ୍ଲକ ଅଫିସ, ଯୋଡ଼ା ୨୨ ସେପ୍ଟେମ୍ବର ୨୦୨୫ (ସୋମବାର) - ବ୍ଲକ ଅଫିସ, ହାଟଡ଼ିହି ଶୁଣାଣିର ସୁଗମ ପରିଚାଳନା ସୁନିଶ୍ଚିତ କରିବା ପାଇଁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଙ୍କୁ ପାନୀୟ ଜଳ ପାଇଁ ସୁବିଧା ସହିତ ପର୍ଯ୍ୟାପ୍ତ ଆସନ ବ୍ୟବସ୍ଥା, ଅସୁସ୍ଥ ଏବଂ ଭିନ୍ନକ୍ଷମ ଅଂଶଗ୍ରହଣକାରୀଙ୍କ ବିଶେଷ ଯତ୍ନ ନେବାକୁ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ମାର୍କେଟୟାର୍ଡ ଓ ସାପ୍ତାହିକ ହାଟର ଉନ୍ନତି ନିମନ୍ତେ ଜିଲ୍ଲାପାଳଙ୍କ ପ୍ରଥମ ବୈଠକ

**କେନ୍ଦ୍ରାପଡ଼ା,୩୧ ।୮ :(ମନ୍ଥନ)**କେନ୍ଦ୍ରାପଡ଼ା ଆର.ଏମ.ସି କାର୍ଯ୍ୟାଳୟ ଅଧୀନରେ ପରିଚାଳିତ ସାପ୍ତାହିକ ପରିବା ହାଟର ଉନ୍ନତି କରଣ ଓ ଭଡା ସୂତ୍ରରେ ଦିଆଯାଇଥିବା ଦୋକାନ ଗୃହ ଗୁଡିକର ବକେୟା ଭଡା ଓ ନିୟମିତ ଭଡା ପ୍ରଦାନ ସମ୍ପର୍କରେ ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସାପ୍ତାହିକ ହାଟର ବିଭିନ୍ନ ସମସ୍ୟା ବିଷୟରେ ସବିଶେଷ ଆଲୋଚନା କରାଯାଇଥିଲା। ପ୍ରକାଶ ଥାଉକି ଆର.ଏମ.ସି ଅଧିନସ୍ଥ ଘାଗରା ହାଟ, ଇନ୍ଦୁପୁର ହାଟ, ଛତା ହାଟ ଓ ନିଜସ୍ୱ ଗୋପ ହାଟର ବଜାରକମିଟିର ସଦସ୍ୟ ବୃନ୍ଦଙ୍କୁ ଜିଲ୍ଲାପାଳ ବିଭିନ୍ନ ସମସ୍ୟା ସମାଧାନର ସବିଶେଷ ଆଲୋଚନା ପାଇଁ ଡାକିଥିଲେ। ମିଳନ କୁମାର ଓଝା, ବୈଷ୍ଣବ ଚରଣ ସ୍ୱାଇଁ, ବିଶ୍ୱପ୍ରକାଶ ସହୁ, ବିଜୟ କୁମାର ବେହେରା, ଅଜିତ କୁମାର ପରିଡା, ଶଙ୍କର୍ଷଣ ମଲ୍ଲିକ, ସୁନୀଲ କୁମାର ପରିଡା, ହେମନ୍ତ କୁମାର ମଲ୍ଲିକ, ଶରତ କୁମାର ମଲ୍ଲିକ, ଦୁଷ୍ମନ୍ତ କୁମାର ବିଶ୍ୱାଳ, ସରୋଜ କୁମାର ବେହେରା, ପ୍ରଫୁଲ୍ଲ କୁମାର ଦାସ, ଯଶୋବନ୍ତ ପ୍ରଧାନ, ସୁରେଶ ଚନ୍ଦ୍ର ମହାନ୍ତି, ସତ୍ୟପ୍ରିୟ ବେହେରା, ରଞ୍ଜନ କୁମାର ନାୟକ ପ୍ରମୁଖ ଉକ୍ତ ବୈଠକରେ ଯୋଗଦେଇ ବିଭିନ୍ନ ସମସ୍ୟା ତଥା ପାଣି ନିଷ୍କାସନ ନିମନ୍ତେ ଡ୍ରେନ ବ୍ୟବସ୍ଥା ,ବିଦ୍ୟୁତ ବ୍ୟବସ୍ଥା , କଂକ୍ରିଟ ରାସ୍ତା ନିର୍ମାଣ, ଦୋକାନ ଗୃହ ଗୁଡିକର ମରାମତି ନିମନ୍ତେ ପ୍ରସ୍ତାବ ଦେଇଥିଲେ। ଉକ୍ତ ପ୍ରସ୍ତାବ ଗୁଡିକ ବିଷୟରେ ପଦକ୍ଷେପ ନେଇ ତୁରନ୍ତ ସେଗୁଡ଼ିକ ନିର୍ମାଣ କରି ବିଦ୍ୟୁତ ସଂଯୋଗୀକରଣର ସୁବ୍ୟବସ୍ଥା କରିବାପାଇଁ ଆର.ଏମ.ସି ସମ୍ପାଦକ ବିଦ୍ୟାଧର ବେହେରାଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହାଛଡା ବକେୟା ଘର ଭଡା ପ୍ରଦାନରେ ଅହେତୁକ ଅବହେଳା ପାଇଁ



ଭଡା ସୂତ୍ରରେ ନେଇଥିବା ଉକ୍ତ ବ୍ୟକ୍ତିଙ୍କୁ ତୁରନ୍ତ ନୋଟିସ ଜାରିକରି ଘରଭଡା ପୈଠ କରିବାକୁ ଜିଲ୍ଲାପାଳ ଆର. ଏମ. ସି ସମ୍ପାଦକ ଶ୍ରୀ ବେହେରାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନୋଟିସ ପାଇ କୌଣସି ବ୍ୟକ୍ତି ବକେୟା ଭଡା ପୈଠ ନକଲେ ଉକ୍ତ ଦୋକାନ ଘର ଆଲଟମେଣ୍ଟ ଆଦେଶକୁ ଖାରଜ କରି ଉକ୍ତ ଘରକୁ ଅନ୍ୟ ଆଶାୟୀ ବ୍ୟକ୍ତିଙ୍କୁ ପ୍ରଦାନ କରାଯିବାପାଇଁ ବୈଠକରେ ନିଷ୍ପତି ନିଆଯାଇଅଛି। ଇନ୍ଦୁପୁର ହାଟପରିସର ସଂକୁଚିତ ଥିବାରୁ ଏହାକୁ ଲାଗି ସରକାର ଙ୍କ ପ୍ରଶସ୍ତ ଅନାବାଦୀ ଜାଗା ଚିହ୍ନଟ କରି ହାଟପରିସରକୁ ବଢାଇବାପାଇଁ ବଜାର କମିଟିର ସଦସ୍ୟମାନେ ପ୍ରସ୍ତାବ ରଖିଥିଲେ। ସଭାପତି ଶରତ କୁମାର ମଲ୍ଲିକ ଉକ୍ତ ପ୍ରସ୍ତାବ ଟିକୁ ତୁରନ୍ତ ବିଚାର କରିବାକୁ ଜିଲ୍ଲାପାଳଙ୍କୁ ନିବେଦନ କରିଥିଲେ। ସେହିପରି ଘାଗରା ହାଟ ୫ ଗୋଟି ପଂଚାୟତ ବାସୀ ପାଖାପାଖି ୨୦ହଜାର ଲୋକ ଉପକୃତ ହେବେ ବୋଲି ଘାଗରା ପଂଚାୟତ ସରପଞ୍ଚ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଘାଗରା ହାଟ ଉନ୍ନତି ପାଇଁ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ସହମତି ପ୍ରକାଶ କରିଥିଲେ। ଘାଗରା ହାଟ ବିଦ୍ୟୁତ ସଂଯୋଗୀକରଣ, କଂକ୍ରିଟ ରାସ୍ତା ନିର୍ମାଣ ଓ ଜଳ ନିଷ୍କାସନର ବ୍ୟବସ୍ଥା ନିମନ୍ତେ ପ୍ରସ୍ତାବ ରଖିଥିଲେ। ଘାଗରା ହାଟରେ ଥିବା ପ୍ରସସ୍ଥ ପଡିଆରେ ଗୋରୁ ହାଟ କରିବା ପାଇଁ ପ୍ରସ୍ତାବ ରଖିଥିଲେ। ସେହି ପରି ଛତା ହାଟରେ ବିଦ୍ୟୁତ ସଂଯୋଗୀକରଣ, କଂକ୍ରିଟ ରାସ୍ତା ନିର୍ମାଣ ଓ ଜଳ ନିଷ୍କାସନର ବ୍ୟବସ୍ଥା ନିମନ୍ତେ ବଜାର କମିଟିର ସଭାପତି ଯଶୋବନ୍ତ ପ୍ରଧାନ ପ୍ରସ୍ତାବ ରଖିଥିଲେ। ଭଡା ପୈଠ କରୁନଥିବା ବ୍ୟକ୍ତିଙ୍କୁ ନୋଟିସ ଜାରିକରି ଭଡା ପୈଠ କରିବାକୁ ନିର୍ଦେଶ ଦେବାପାଇଁ ପ୍ରସ୍ତାବ ରଖିଥିଲେ। ଆର.ଏମ.ସି.ର ନିଜସ୍ୱ ଗୋପ ହାଟ ପରିସର ସଂକୁଚିତ ଥିବାରୁ ଚାଷୀ ଭାଇ ଓ ବ୍ୟବସାୟୀମାନେ ଜାତୀୟ ରାଜପଥରେ ବିକ୍ରିବଟା କରୁଥିବା ଅଭିଯୋଗ ହୋଇଥିଲା। କୌଣସି ଚାଷୀ ଭାଇ ଓ ବ୍ୟବସାୟୀମାନେ ଯେପରି ଜାତୀୟ ରାଜପଥରେ ନବସନ୍ତି ଏବଂ ସେମାନଙ୍କୁ ହାଟ ପରିସର ଭିତରେ ବସାଇବାକୁ ହାଟ ସୁପରଭାଇଜର ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ବ୍ୟକ୍ତି ବିଶୃଙ୍ଖଳା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ପ୍ରତ୍ୟେକ ହାଟରେ ଉଭୟ ପୁରୁଷ ଏବଂ ମହିଳାଙ୍କ ନିମନ୍ତେ ଶୌଚାଳୟ ବ୍ୟବସ୍ଥା, ହାଟପରିସରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ବୈଠକକୁ ଆର. ଏମ. ସି ସମ୍ପାଦକ ବିଦ୍ୟାଧର ବେହେରା, ହାଟ ମାନଙ୍କର ସୁପରଭାଇଜ ପ୍ରଦୀପ କୁମାର ଦାସ, ନୟନ ରଞ୍ଜନ ବିଶ୍ୱାଳ, ଗଗନ୍ ବିହାରୀ ଲେଙ୍କା, ଚନ୍ଦ୍ରମଣୀ ମହାନ୍ତି ଓ ନରେନ୍ଦ୍ର ଚନ୍ଦ୍ର ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ।

# ସାଂସଦ ଖେଲ୍ ମହୋତ୍ସବକୁ ଉଦଘାଟନ କଲେ ସାଂସଦ ବୈଜୟନ୍ତ





**କେନ୍ଦ୍ରାପଡ଼ା,୩୧ ।୮ :(ମନ୍ଥନ)**ପ୍ରଥମ ଥର ପାଇଁ କେନ୍ଦ୍ରାପଡା ଲୋକସଭା ନିର୍ବାଚନ ମଣ୍ଡଳୀରେ ଆରମ୍ଭ ହେବାକୁ ଥିବା "ସାଂସଦ ଖେଲ୍ ମହୋତ୍ସବ"କୁ କେନ୍ଦ୍ରାପଡା ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଶୁକ୍ରବାର ଉଦୟନଗରସ୍ଥିତ ଜିଲ୍ଲା ସଂସ୍କୃତି ଭବନରେ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି । ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ଏହି କାର୍ଯ୍ୟକ୍ରମରେ ୭ଟି ଲୋକସଭା ନିର୍ବାଚନ ମଣ୍ଡଳୀର ବହୁ ଖେଳାଳୀ ଓ ବରିଷ୍ଠ ଖେଳାଳୀମାନେ ଯୋଗଦେଇଥିଲେ। ଏହି ଉତ୍ସବରେ ଜିଲ୍ଲାପାଳ ରଘୁରାମ ଆର. ଆୟାର, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଜିଲ୍ଲା କ୍ରୀଡା ଅଧିକାରୀ, ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ମହାକାଳପଡା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ, କେନ୍ଦ୍ରାପଡାର ବିଜେପି ନେତ୍ରୀ ଗିତାଞ୍ଜଳୀ ସେଠୀ, ପାଟକୁରାର ତେଜେଶ୍ୱର ପରିଡା, ସାଲେପୁର ଅରିନ୍ଦମ ରାଏ, ଡ. କଳ୍ପନା ମଲ୍ଲିକ, କିଶୋର ପଣ୍ଡା, ରାଜନଗରର ଲଳିତ ବେହେରା, ଆଳିର କୃଷ୍ଣଚନ୍ଦ୍ର ପଣ୍ଡା, ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, ସୁନାକର ବେହେରା, ନୃସିଂହ ପତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମହୋତ୍ସବରେ ଭାଗନେବା ପାଇଁ ଆଜି ଠାରୁ ନାମପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇ ଆସନ୍ତା ସେପ୍ଟେମ୍ବରମାସ ୨୦ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏହାପରେ ତ୍ରିସ୍ତରୀୟ ଖେଳ ଆରମ୍ଭ ହୋଇ ଡିସେମ୍ବରମାସ ୨୫ତାରିଖରେ ଶେଷ ହେବ। ଏହି ପ୍ରତିଯୋଗିତାରେ ୮ଟି ବିଭାଗରେ ଖେଳାଳୀମାନେ ଭାଗନେଇ ପାରିବେ। ପ୍ରଥମେ ଗ୍ରାମପଞ୍ଚାୟତ ସ୍ତରୀୟ ଓ ଏହାପରେ ବିଧାନସଭା ସ୍ତରୀୟ ଓ ପରେ ଲୋକସଭା କ୍ଷେତ୍ରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହାର ମୁଖ୍ୟ ଉଦେଶ୍ୟ ହେଉଛି ଗ୍ରାମାଞ୍ଚଳରେ ଥିବା ପ୍ରତିଭାମାନଙ୍କୁ ନେଇ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର ଖେଳାଳୀ ସୃଷ୍ଟି କରିବା। ଏଥିରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲାର ସମସ୍ତ ଲୋକଙ୍କର ସାହାଯ୍ୟ ସହଯୋଗ ପାଇଁ ସାଂସଦ ଶ୍ରୀ ପଣ୍ଡା ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜାତୀୟ ସ୍ତରରେ ସମ୍ମାନିତ ହୋଇଥିବା ଯୋଗରେ କେନ୍ଦ୍ରାପଡାର ଟ୍ୱିଙ୍କିଲ ସ୍ୱାଇଁ ଓ ଭାରଉତ୍ତୋଳନରେ ଗୌରବ ଆଣି ଦେଇଥିବା ରମିତ ସ୍ୱାଇଁଙ୍କୁ ସାଂସଦ ଶ୍ରୀ ପଣ୍ଡା ଏହି ଅବସରରେ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଲୋକସଭା ନିର୍ବାଚନ ମଣ୍ଡଳୀର ବହୁ ବିଜେପି କର୍ମକର୍ତ୍ତା ଓ ସ୍କୁଲ ଏବଂ କଲେଜର ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ।

ମୁକ୍ତମ

ସୋମବାର ୧ ସେପ୍ଟେମ୍ବର ୨୦୨୫, ଭୁବନେଶ୍ୱର

MONDAY 1 SEPTEMBER, 2025, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ସମ୍ପାଦକୀୟ

# ଚାକିରି ନିଶା

ଦୁର୍ନୀତିଗ୍ରସ୍ତ ଉପାୟରେ କିଛି ଲୋକ ଅଯୋଗ୍ୟ ହୋଇ ମଧ୍ୟ ଚାକରୀ କରୁଛନ୍ତି ଏବଂ ପ୍ରକୃତ ଯୋଗ୍ୟ ବ୍ୟକ୍ତି ଅନ୍ୟାୟର ଶିକାର ହେଉଛନ୍ତି। କିନ୍ତୁ ଏବେ ଏକ ନୂଆ କଥା ଦେଖିବାକୁ ମିଳିଛି। କିଛି ବ୍ୟକ୍ତି ସର୍ବନିମ୍ନ ଯୋଗ୍ୟତା ନଥାଇ ଜାଲ ସାର୍ଟିଫିକେଟରେ ଚାକିରୀ କରୁଛନ୍ତି। ଆଉ କିଛି ବ୍ୟକ୍ତି ଚାକିରୀ ପାଇଁ ଯୋଗ୍ୟତା ଭିତ୍ତିକ ପରୀକ୍ଷରେ ଦୁର୍ନୀତି କରି ସଫଳତା ହାସଲ କରୁଛନ୍ତି। ନିକଟରେ ଓଟିଇଟି ପରୀକ୍ଷାର ପ୍ରଶ୍ନପତ୍ର ଲିକ ହେବା ଘଟଣାର ପର୍ଦ୍ଦାଫାସ ହେବା ପରେ ଏହାକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଏହି ପ୍ରଶ୍ନପତ୍ର ଲିକ ଘଟଣାରେ ବୋର୍ଡର ଉପସଭାପତି ଗିରଫ ହୋଇ ଜେଲ ଯାଇଛନ୍ତସି। ଆହୁରି କେତେକ ଲୋକ ମଧ୍ୟ ଏଥିରେ ସମ୍ପୃକ୍ତ ଥାଇ ଗିରଫ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଦୁଇ ଜଣ ଶିକ୍ଷକ ନେତା ଅଛନ୍ତି। ସେମାନେ ଶିକ୍ଷକ ପଦବାଚ୍ୟ ନୁହଁନ୍ତି। ସେଥିପାଇଁ ସେମାନେ ଶିକ୍ଷକ ନେତା ହୋଇଛନ୍ତି। ଯିଏ ବାସ୍ତବରେ ନିଷ୍ଠାପର ଶିକ୍ଷକ ତାଙ୍କର ନେତା ହେବାକୁ ସମୟ ନଥାଏ। ଏଭଳି ବ୍ୟକ୍ତି ଶିକ୍ଷକତା କଲେ ରାଜ୍ୟରେ ଶିକ୍ଷାର ମାନ କ'ଣ ହୋଇପାରେ ତାହା ସହଜରେ ଅନୁମେୟ। କହିବା ବାହୁଲ୍ୟ ଯେ, ରାଜ୍ୟରେ ସାକ୍ଷରତା ହାର ବଢ଼ିଛି। ହଜାର ହଜାର ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଛି। ଗଳି ଗଳିରେ ଇଞ୍ଜିନିୟରିଂ କଲେଜ ଖୋଲାଣି। ମେଡିକାଲ କଲେଜ ସଂଖ୍ୟା ବି ବଢୁଛି। ଅନେକ ବୈଷୟିକ ଶିକ୍ଷା ବା ତାଲିମ ଗ୍ରହଣ କରୁଛନ୍ତି। ମାଟ୍ରିକ ବା ଯୁକ୍ତ ଦୁଇ ପରୀକ୍ଷାରେ ବହୁ ପିଲା ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଉଛନ୍ତି। ପ୍ରତି ବର୍ଷ ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ଶହ ଶହ ଛାତ୍ର ପିଏଚଡି ହାସଲ କରୁଛନ୍ତି। ଏହା ନିଶ୍ଚିତ ଭାବେ ସ୍ୱାଗତ ଯୋଗ୍ୟ ଏବଂ ରାଜ୍ୟରେ ଶିକ୍ଷାର ପ୍ରସାରକୁ ପ୍ରମାଣିତ କରୁଛି। କିନ୍ତୁ ପ୍ରକୃତ ଶିକ୍ଷାବିତ ଏବଂ ଶିକ୍ଷାପ୍ରେମୀମାନେ ଏଥିରେ ସନ୍ତୁଷ୍ଟ ନାହାଁନ୍ତି। ସେମାନଙ୍କ ମତରେ ଶିକ୍ଷାର ପ୍ରସାର ବଡ଼ କଥା ନୁହେଁ, ବଡ଼ କଥା ହେଲା ଶିକ୍ଷାର ମାନ ବୃଦ୍ଧି। ଶିକ୍ଷାର ମାନ ବୃଦ୍ଧି ନହେଲେ ଖାଲି ଡିଗ୍ରୀଧାରୀଙ୍କ ସଂଖ୍ୟା ବଢ଼ିବ ସିନା ହେଲେ ଶିକ୍ଷିତଙ୍କ ସଂଖ୍ୟା ସୀମିତ ରହିବ। ପୂର୍ବରୁ ମାଟ୍ରିକରେ ୬୦ ପ୍ରତିଶତ ନମ୍ବର ରଖି ପାସ କଲେ ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କୁ ବୁଦ୍ଧିମାନ ଏବଂ ମେଧାବୀ ଛାତ୍ର ଭାବେ ବିବେଚନା କରାଯାଉଥିଲା। କିନ୍ତୁ ଏବେ ମାଟ୍ରିକରେ ୮୦ ପ୍ରତିଶତ ମାର୍କ ରଖିଥିବା ଛାତ୍ର ପାଠ ପଚାରିଲେ ଥଙ୍ଗଉଛି। କାରଣ ସାର୍ଟିଫିକେଟ ବା ମାର୍କ ସିଟ କେବଳ ଏକ କାଗଜ ଟୁକୁରାରେ ପରିଣତ ହୋଇଛି। ଏହା ମୂଲ୍ୟହୀନ ହୋଇଯାଇଛି। ଜଣେ କେତେ ମେଧାବୀ ତାହା ତାଙ୍କ ମାର୍କ ସିଟରୁ ଜଣାପଡୁନି। ପୂର୍ବରୁ ସ୍କୁଲ ସ୍ତରରେ ଶିକ୍ଷାଦାନ ଅତି ଉନ୍ନତ ମାନର ଥିଲା। ଯୋଗ୍ୟ ଏବଂ ନିଷ୍ଠାପର ଶିକ୍ଷକଙ୍କ ପାଇଁ ଏହା ସମ୍ଭବ ହେଉଥିଲା। ଶିକ୍ଷକମାନେ ନିଜ ପ୍ରତିଭା ଏବଂ ସାଧନା ବଳରେ ମେଧାବୀ ଛାତ୍ରଙ୍କୁ ସୃଷ୍ଟି କରୁଥିଲେ। କିନ୍ତୁ ଏବେ ସେପରି ଶିକ୍ଷକଙ୍କ ସଂଖ୍ୟା ସୀମିତ। କାଁ ଭାଁ ଖୋଜିଲେ ଜଣେ ଉତ୍ସର୍ଗୀକୃତ ଶିକ୍ଷକ ମିଳିବେ। ଆଜିକାଲିର ଅଭିଭାବକମାନେ ସରକାରୀ ସ୍କୁଲ ପରିବର୍ତ୍ତେ ଘରୋଇ ଇଂରାଜୀ ମାଧ୍ୟମ ସ୍କୁଲରେ ନିଜ ପିଲାଙ୍କୁ ପଢାଇବାକୁ ଚାହୁଁଛନ୍ତି। ଏ ବାବଦରେ ବିପୁଳ ଅର୍ଥ ବ୍ୟୟ ସତ୍ତ୍ୱେ ସେମାନେ ଏଥିପାଇଁ ସବୁ କିଛି ବାଜି ଲଗାଇ ଦେଉଛନ୍ତି। ସରକାରୀ ସ୍କୁଲରେ କେବଳ ବସ୍ତି ଅଞ୍ଚଳର ପିଲା ପାଠ ପଢୁଛନ୍ତି। କିଛି ଭଲ ପରିବାର ବା ଶିକ୍ଷିତ ପରିବାରର ପିଲା ଘରୋଇ ସରସ୍ୱତୀ ଶିଶୁ ମନ୍ଦିର ବା ସେହିପରି ଅନ୍ୟ ସ୍କୁଲରେ ପାଠ ପଢୁଛନ୍ତି। ସରକାରୀ ସ୍କୁଲକୁ ପଠାଇବା ପାଇଁ ଅଭିଭାବକ ପ୍ରସ୍ତୁତ ନାହାଁନ୍ତି। କାରଣ ସରକାରୀ ସ୍କୁଲରେ ଭଲ ପାଠ ପଢ଼ାଯାଉନି ବା ପ୍ରତିଯୋଗିତାର ସ୍ତର ଉନ୍ନତ ନୁହେଁ। ସରକାରୀ ଓଡ଼ିଆ ମାଧ୍ୟମ ସ୍କୁଲରେ ପଢ଼ିଲେ ଇଂରାଜୀ ଜ୍ଞାନ କମିଯିବ। ତେଣୁ ପିଲାର ଭବିଷ୍ୟତ ନଷ୍ଟ ହୋଇଯିବ। ଏହା ଅନେକାଂଶରେ ସତ। କିନ୍ତୁ ଏଥିପାଇଁ କେବଳ ସରକାର ନହେଁ, ଆମେ ଦାୟୀ। ଶିକ୍ଷାର ମାନ ଧିରେ ଧିରେ ହ୍ରାସ ପାଉଥିବା ବେଳେ ଆମେ ଏହାକୁ ନିରବରେ ବରଦାସ୍ତ କଲୁ। ନୂଆ ଶିକ୍ଷା ବ୍ୟବସ୍ଥାରେ ଇଂରାଜୀ ଶିକ୍ଷାକୁ ଗୁରୁତ୍ୱ ଦିଆଗଲା ନାହିଁ। ସ୍କୁଲରେ ପିଲାଙ୍କୁ ଦଣ୍ଡ ଦିଆଗଲା ନାହିଁ। ଏହାର ପରିଣାମ ଆଜି ଆମକୁ ଭୋଗିବାକୁ ପଡୁଛି। କେବଳ ସେତିକି ନୁହେଁ, ସରକାର ଶିକ୍ଷ ନିଯୁକ୍ତି ବେଳେ ମଧ୍ୟ ଅନେକ ତ୍ରୁଟି କରୁଛନ୍ତି। ସବୁ ଶିକ୍ଷକଙ୍କୁ ସମାନ ଦୃଷ୍ଟିରେ ଦେଖାଯାଉନି। ଶିକ୍ଷକ ନିଯୁକ୍ତି ଚୟନ ବେଳେ ଦକ୍ଷତାକୁ ଗୁରୁତ୍ୱ ଦିଆଯାଉନି। ଦୁର୍ନୀତିପୂର୍ଣ୍ଣ ଉପାୟରେ ଶିକ୍ଷକ ନିଯୁକ୍ତି ଦିଆଯାଉଛି। ଶିକ୍ଷକମାନେ ଉପଯୁକ୍ତ ତାଲିମ ପାଉ ନାହାଁନ୍ତି। ଶିକ୍ଷାଦାନର ପଦ୍ଧତି ସମ୍ପର୍କରେ ସେମାନେ ଭଲଭାବେ ଅବଗତ ନାହାଁନ୍ତି। ତେଣୁ ପିଲାମାନେ ସ୍କୁଲରେ ଭଲ ଶିକ୍ଷକ ପାଇବେ କେମିତି ? ଏବେ ପୁଣି ଜଣାପଡ଼ିଛି ଯେ, ନକଲି ସାର୍ଟିଫିକେଟ ମାଧ୍ୟମରେ ଅନେକ ଅଯୋଗ୍ୟ ବ୍ୟକ୍ତି ଶିକ୍ଷକ ନିଯୁକ୍ତି ପାଇଛନ୍ତି। ଏହାଠାରୁ ବଳି ବଡ଼ ଜଘନ୍ୟ ଏବଂ ଚିନ୍ତାଜନକ କଥା ଆଉ କିଛି ନାହିଁ। ଯେଉଁଠି ଶିକ୍ଷକ ଅଯୋଗ୍ୟ, ଅପାରଗ , ଦୁର୍ନୀତିଗ୍ରସ୍ତ ଏବଂ ଜାଲ ସାର୍ଟିଫିକେଟରେ ଚାକିରୀ ପାଇଛି, ସେଠାରେ ଶିକ୍ଷାଦାନ କିପରି ଉନ୍ନତ ମାନର ହେବ, ଭଲ ମେଧାବୀ ଛାତ୍ର କିପରି ବାହାରିବେ ? ରାଜଧାନୀରେ ବର୍ଷ ତମାମ ବିଭିନ୍ନ ଶ୍ରେଣୀର ଶିକ୍ଷକ ଓ କର୍ମଚାରୀମାନେ ଆନ୍ଦୋଳନ କରୁଛନ୍ତି, ବିଧାନସଭା ଆଗରେ ଧାରଣା ଏବଂ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଦାବି ହେଲା ଅନୁଦାନ ଦିଆଯାଉ, ଦରମା ବଢ଼ାଯାଉ। ସେମାନଙ୍କ ଦାବି ଯଥାର୍ଥ। ଶିକ୍ଷକ ସ୍ୱଚ୍ଛଳ ନହେଲେ ସୁସ୍ଥ ସମାଜ ଗଠନ ସମ୍ଭବ ନୁହେଁ। କିନ୍ତୁ ଆନ୍ଦୋଳନକାରୀ ଶିକ୍ଷକମାନେ ପ୍ରଥମେ ଆତ୍ମସମୀକ୍ଷା କରିବା ଉଚିତ ଯେ ସେମାନେ ଶିକ୍ଷକତା ପାଇଁ ଯୋଗ୍ୟ ତ ? ସେମାନେ ଶିକ୍ଷକ ଭାବେ ନିଜ ଦାୟିତ୍ୱ ଏବଂ କର୍ତ୍ତବ୍ୟ ପାଳନ କରୁଛନ୍ତି ତ ? ଏବେ ସମୟ ଆସିଛି ସରକାର ବ୍ୟବସ୍ଥାରେ ଆମୂଳ ଚୁଳ ପରିବର୍ତ୍ତନ କରନ୍ତୁ। ଜାଲ ସାର୍ଟିଫିକେଟରେ ଶିକ୍ଷକତା କରୁଥିବା ଶିକ୍ଷକଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ଜେଲକୁ ପଠାଯାଉ। ବାକି ଅନ୍ୟମାନଙ୍କ ଯୋଗ୍ୟତା ନିର୍ଦ୍ଧାରଣ ହେଉ। ଭବିଷ୍ୟତରେ ଯେଉଁମାନେ ଶିକ୍ଷକଭାବେ ନିଯୁକ୍ତ ହେବେ ସେମାନଙ୍କ ମେଧା , ଦକ୍ଷତା ଏବଂ କର୍ତ୍ତବ୍ୟ ନିଷ୍ଠାକୁ ଭଲଭାବେ ଯାଞ୍ଚ କରିବା ପରେ ଯାଇ ସେମାନଙ୍କୁ ନିଯୁକ୍ତି ଦିଆଯାଉ।

# ଟ୍ରେଣ୍ଡର ମାୟାଜାଲ : ହର୍ଡ଼ ମେଣ୍ଟାଲିଟିର ଅନ୍ତହୀନ ପ୍ରବଣତା

**ଡାକ୍ତର ସମ୍ରାଟ କର**

ଟିଟି ପ୍ଲାଟଫର୍ମ ନେଟଫ୍ଲିକ୍ସରେ ଅଳ୍ପ ଦିନ ତଳେ ରିଲିଜ ହୋଇଥିବା ମିନି ସିରିଜ 'ଆଡ଼ୋଲ ସେନ୍ସ'କୁ ନେଇ ତମାମ ଚର୍ଚ୍ଚା। ଏହି ସିରିଜ କେବଳ ଭାରତୀୟ ଦର୍ଶକ ମାନଙ୍କୁ ଖୁବ ପସନ୍ଦ ଆସିନାହିଁ ବରଂ ଏକଥା ବି କୁହାଯାଇଛି ଏହି ୱେବସିରିଜ କାଳେ ଭାରତୀୟ ଅଭିଭାବକମାନଙ୍କ ଆଖି ଖୋଲି ଦେଇଛି। ଚଳଚ୍ଚିତ୍ର ସହ ଜଡ଼ିତ ଥିବା ତ୍ରିନାଥ ବାବୁ ସେ ଦିନ ଏଇ କଥା ମୋତେ କହିବାବେଳେ ମୁଁ ତାଙ୍କୁ ଆଲୋଚନା ଆରମ୍ଭରୁ ବର୍ତ୍ତମାନର ଜିବିଲି ଟ୍ରେଣ୍ଡ କଥା ଉଦାହରଣରେ ଦର୍ଶାଇ ଥିଲି। ଦିନ ଥିଲା ଆମକୁ କେହି ଜଣେ କାର୍ଟୁନ କଲେ ଆମେ ଉତ୍ତେଜିତ ହେଉଥିଲି ଏପରିକି ବିରକ୍ତ ହୋଇ କ୍ରୋଧ ପ୍ରକଟ କରୁଥିଲୁ କିନ୍ତୁ ସେ ସବୁ ଏବେ ତଥାକଥିତ ନୂଆ ଟ୍ରେଣ୍ଡିଂରେ ପୁରୁଣା ହୋଇଗଲାଣି। ଜିବିଲି ଟ୍ରେଣ୍ଡ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ରାଗିବା ବଦଳରେ ନିଜକୁ କାର୍ଟୁନ କରି ଦେଖିବାକୁ ପସନ୍ଦ କରୁଛନ୍ତି ସାଧାରଣ ଲୋକଙ୍କ ଠାରୁ ସେଲିବ୍ରେଟି। ବର୍ତ୍ତମାନ ଇଣ୍ଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟା ସାମାଜିକ ଗଣମାଧ୍ୟମରେ ଦିନକୁ ଦିନ ବଢ଼ି ଚାଲିଛନ୍ତି। ସାମାଜିକ ଗଣମାଧ୍ୟମର ଟ୍ରେଣ୍ଡ ନଈବଢ଼ିର ସୁଅ ପରି ଆସେ, ମାଡ଼ି ଯାଏ ଆଉ ପୁଣି କେଉଁ ମୁହୂର୍ତ୍ତରେ ଉଭେଇ ଯାଏ।

ସୋସିଆଲ ମିଡ଼ିଆ ଟ୍ରେଣ୍ଡକୁ ନେଇ ଯିଏ ଯେଉଁଭଳି ମନ୍ତବ୍ୟ ଦିଅନ୍ତୁ ପଛେ ଏକଥା ଅନସ୍ୱୀକାର୍ଯ୍ୟ ଯେ ଏହି ଟ୍ରେଣ୍ଡଗୁଡ଼ିକ ଯେତେ ଜଲଦି ଆସେ, ତା ଠାରୁ ଅଧିକ ଜଲଦି ଚାଲିଯାଏ। ସୋସିଆଲ ମିଡ଼ିଆ ଆମ ସୃଜନଶୀଳ ଅନୁପ୍ରେରଣା ଏବଂ ସଂଯୋଗ ସ୍ଥାପନର ସୁଯୋଗ ଦିଏ ସତ। ତେବେ ପ୍ରାସଙ୍ଗିକ ରହିବା ପାଇଁ ଅବିରାମ ଚେଷ୍ଟା ନିଶ୍ଚିତ ଭାବେ ମାନସିକ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଉଛି। ଏକଥା ମନସ୍ତତ୍ତ୍ୱ ଚିକିତ୍ସା କ୍ଷେତ୍ର ଅତି ସୁସ୍ପଷ୍ଟ ଭାବେ ଉଲ୍ଲେଖ କରିଛି। ସେମାନଙ୍କ ସହ ସମାଜବିତ ଓ ଶିକ୍ଷାବିତମାନେ ମଧ୍ୟ ଏକମତ। କାରଣ କ୍ଷଣସ୍ଥାୟୀ ଖୁସିର ମୁହୂର୍ତ୍ତଗୁଡ଼ିକ ସରିଗଲା ପରେ ଯେଉଁ ଅବଶିଷ୍ଟାଂଶ ରହିଯାଏ ତାହା ହେଉଛି ଏକ କ୍ରମବର୍ଦ୍ଧିଷ୍ଣୁ ମାନସିକ କ୍ଳାନ୍ତି। ସୋସିଆଲ ମିଡ଼ିଆର ଟ୍ରେଣ୍ଡ ଗୁଡ଼ିକ ଦ୍ରୁତ ଗୀତିଶୀଳ ହେବା ଉଦ୍ଦେଶ୍ୟରେ ହିଁ ଡିଜାଇନ କରାଯାଇଛି। ଆଲଗୋରିଦିମ ଗୁଡ଼ିକ ତାଜା, ଆକର୍ଷଣୀୟ କଣ୍ଟେଣ୍ଟକୁ ଅଗ୍ରାଧିକାର ଦିଏ, ଯାହାର ଅର୍ଥ ନୂଆ ନୂଆ ଟ୍ରେଣ୍ଡ ତିଆରି କରିବାର ଚାପ ସୃଷ୍ଟି କରିଥାଏ। ଗୋଟିଏ ନାଚର ଟ୍ରେଣ୍ଡ ଅତି ବେଶିରେ ଦୁଇ ସପ୍ତାହ ଯାଏ ଫେସବୁକ, ଇନଷ୍ଟାଗ୍ରାମ ଭଳି ସୋସିଆଲ ମିଡ଼ିଆରେ ଆଧିପତ୍ୟ ବିସ୍ତାର କରିପାରେ। ତାହାପରେ ହୁଏତ କିଛି ରୋଷେଇ ହକ୍ୟା ଅଥବା ଗୋଟିଏ ଅଦ୍ଭୁତ ମିମ ଦ୍ୱାରା ସେହି ନାଚର ଟ୍ରେଣ୍ଟଟି ପ୍ରତିସ୍ଥାପିତ ହୋଇପାରେ। ମନୋବିଜ୍ଞାନୀଙ୍କ ମତରେ ସୋସିଆଲ ମିଡ଼ିଆର ଟ୍ରେଣ୍ଡ ଗୋଟିଏ ନୁହେଁ। କିଛି କିଛି ଟ୍ରେଣ୍ଡ ଲୋକମାନଙ୍କୁ ବିଶେଷ କରି ଯୁବପିଢ଼ିଙ୍କୁ ଏମିତି ଆକ୍ରାନ୍ତ କରିଦେଇଥାଏ ଯାହାଦ୍ୱାରା ସେମାନେ ହତାଶାବୋଧର ଶିକାର ହୋଇଥାନ୍ତି। ଉଦାହରଣ ସ୍ୱରୂପ ଗୋଟିଏ ଫେସ ଆପ କଥା ଉଲ୍ଲେଖ କରାଯାଇପାରେ। ଫେସ ଆପ ସହାୟତାରେ ଅନେକେ ନିଜ ଚେହେରାକୁ ସୁନ୍ଦର କରି ସୋସିଆଲ ମିଡ଼ିଆରେ ଅପଲୋଡ଼ କରିବା ପରେ ଲାଇକ, କମେଣ୍ଟ ଦେଖି ଖୁସି ହେଉଛନ୍ତି। କଳ୍ପିତ ଲାଇକ କି କମେଣ୍ଟ ନ ମିଳିଲେ ମାନସିକ ଯନ୍ତ୍ରଣା ଭୋଗୁଛନ୍ତି। ପୁଣି ଟ୍ରେଣ୍ଡ ଅନୁସରଣ ନକଲେ ଫୋମୋ (ଫିଅର ଅଫ କମିଂ ଆଉଟ)ର ଶିକାର ହେଉଛନ୍ତି। ସୋସିଆଲ ମିଡ଼ିଆ ଟ୍ରେଣ୍ଡ ଅନୁସରଣ କରୁନଥିବା ଲୋକ ବି ଅନେକ ସମୟରେ ସମାଲୋଚିତ ହେଉଛନ୍ତି। ସେମାନେ ଯୁଗୋପଯୋଗୀ ନୁହଁନ୍ତି, ସମୟ ସହିତ ତାଳ ମିଳାଇ ଶିଖିବା ଜାଣିନାହାନ୍ତି। ଟ୍ରେଣ୍ଡ ଅନୁସରଣ କରୁନାହାନ୍ତି ମାନେ ପୁରୁଣାକାଳିଆ ଚିନ୍ତାଧାରାର ବୋଲି ମଧ୍ୟ ଅନେକ ସମୟରେ ଶୁଣିବାକୁ ପଡୁଛି।ଏଭଳି ମନ୍ତବ୍ୟ ଅନେକ ସମୟରେ ସୋସିଆଲ ମିଡ଼ିଆ ପ୍ରତି ଢ଼ଳିବାକୁ ପରୋକ୍ଷରେ ଇନ୍ଧନ ଯୋଗାଉଛି। ମନୋବିଜ୍ଞାନୀଙ୍କ ଯୁକ୍ତି ହେଉଛି, ଏଭଳି ଟ୍ରେଣ୍ଡ କାରଣରୁ ଅନେକ ବର୍ନଆଉଟ ସିଣ୍ଡ୍ରୋମରେ ପୀଡ଼ିତ ହେଉଛନ୍ତି। ନୂଆ ପିଢ଼ି ମଧ୍ୟରେ ହର୍ଡ଼ ମେଣ୍ଟାଲିଟି ବିକଶିତ ହେଉଛି। ମନସ୍ତାତ୍ତ୍ୱିକ ବିଜ୍ଞାନ ଅନୁସାରେ ଆଲଗୋରିଦିମ ଏବଂ ବାସ୍ତବ ଜୀବନ ମଧ୍ୟରେ ଚାଲିଥିବା ପ୍ରତିଯୋଗିତା କାରଣରୁ ଲୋକଙ୍କ ମଧ୍ୟରୁ ସୃଜନଶୀଳତା କ୍ରମାଗତ ଭାବେ କମି ଚାଲିଛି। ଲୋକମାନେ ଡୁମ ସ୍କ୍ରୋଲିଂରେ ବ୍ୟସ୍ତ ରହି ବାସ୍ତବ ଜଗତରୁ ନିଜକୁ ବିଚ୍ଛିନ୍ନ କରିଦେଉଛନ୍ତି। ଲାଇକ, କମେଣ୍ଟ, ଫଲୋଅର୍ସଙ୍କ ସଂଖ୍ୟା ହିସାବ କରି ନିଜର ଆତ୍ମ ମୂଲ୍ୟାୟନ କରୁଛନ୍ତି। ଏହା ଏକ ବିରକ୍ତିକର ପ୍ରକ୍ରିୟା, ଯାହା ଅନେକଙ୍କ ମଧ୍ୟରେ ଉଦବେଗ ବିଷର୍ଣ୍ଣତା ଏବଂ ନୈରାଶ୍ୟ ଭରିଦେଉଛି ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସାମାଜିକ ଗଣମାଧ୍ୟମରେ ପ୍ରଚଳିତ ଟ୍ରେଣ୍ଡର ପ୍ରଭାବ ଆମ ମାନଙ୍କ ନିତିଦିନିଆ ଜୀବନ ଉପରେ ଏତେ ଅଧିକ ମାତ୍ରାରେ ପଡୁଛି ଯେ ସତେ ଯେପରି ଏହି ଟ୍ରେଣ୍ଡ ନଥିଲେ ଆମ ଖାଦ୍ୟ ଶୈଳୀ ଓ ପୋଷାକ ପରିଧାନର ଶୈଳୀ ବୋଧ ହୁଏ ଭିନ୍ନ ହୋଇଥାନ୍ତା। ଅନେକ ତଥାକଥିତ ପ୍ରଚାରଧର୍ମୀ ଫାଷ୍ଟ ଫେସନ ଗୁଡ଼ିକ ଏପରି ଲୋକମାନଙ୍କ ଭିତରେ ଛାଇ ହୋଇଯାଉଛି ଯେ ସେଥିରୁ ବର୍ତ୍ତିବା ସହଯେ ସମ୍ଭବ ହେଉନାହିଁ। ଉଦାହରଣ ବଶତଃ ଫାଷ୍ଟ ଫେସନ ଧାରା ସହ ସାମାଜିକ ଗଣମାଧ୍ୟମ ଯୋଗୁଁ ଟ୍ରେଣ୍ଡ କରୁଛି ଇଭିଲ ଆଇ ଫ୍ୟାସନ। ଇଭିଲ ଆଇ ବା ଖରାପ ନଜର ଯାହାକି ଏକ ପ୍ରକାର ନୀଳ ରଙ୍ଗର ମାଳି। ଯେଉଁଥିରେ କଳା ରଙ୍ଗର ଏକ ବିନ୍ଦୁ ରହିଥାଏ। ବିଶ୍ୱାସ ରହିଛି ଆଖି ପରି ଦେଖାଯାଉଥିବା ଏହି ମାଳିଟି କୁ ନଜରରୁ ରକ୍ଷା କରିଥାଏ। ଇଭିଲ ଆଇର ଟ୍ରେଣ୍ଡ ଏବେ ଏତେ ବ୍ୟାପିଗଲାଣି ଯେ ଏହି ଟ୍ରେଣ୍ଡର ମାୟାରେ ସାଧାରଣ ଜନତା ଠାରୁ ସେଲିବ୍ରେଟିଙ୍କ ପର୍ଯ୍ୟନ୍ତ ବି ବାୟା ହୋଇଗଲେଣି। ସାମାଜିକ ଗଣମାଧ୍ୟମ ଅନେକ ଜ୍ଞାନ ସୂଚୀତ କରେ ଓ ଅନେକ ଅଜଣା ତଥ୍ୟ ମଧ୍ୟ ଆମ୍ଭ ମାନଙ୍କୁ ଜଣାଇଥାଏ। ତେବେ ଘଣ୍ଟା ଘଣ୍ଟା ଧରି ଏହି ଟ୍ରେଣ୍ଡ ଭିତରେ ବିଶେଷକରି ସୋସିଆଲ ମିଡ଼ିଆ ଭିତରେ ଜଡ଼ିତ ରହିବା ଦ୍ୱାରା ଜଣଙ୍କର ସୃଜନଶୀଳତା କେବଳ ନଷ୍ଟ ହେଉନି ଏହାର ଗୁରୁତର ପ୍ରଭାବ ତାଙ୍କର ଜୀବନଚର୍ଯ୍ୟା ଉପରେ ପଡୁଛି। ଖାଇବା, ପିଇବା, ବସିବା-ଉଠିବା, ଅନ୍ୟ ମାନଙ୍କ ସହ ଯୋଡ଼ି ହେବା ଓ ନିଜର ତମାମର ଧରାବନ୍ଧା ରୁଟିନ ମଧ୍ୟ ବାଧା ପ୍ରାପ୍ତ ହେଉଛି। ନିଜେ ସୋସିଆଲ ମିଡ଼ିଆରେ ପଠାଇଥିବା ଟ୍ରେଣ୍ଡଟି ଲାଇକ କି କମେଣ୍ଟ ନ ଆସିଲେ ଅନେକଙ୍କ ଭିତରେ ଏପରି ବିରକ୍ତି ଓ ହତାଶ ଭାବ ସହ ଉତ୍ତେଜନା ସୃଷ୍ଟି କରିଥାଏ ଯେ ସେମାନେ ମାନସିକ ଭାରସାମ୍ୟ ମଧ୍ୟ ହରାଇଥାନ୍ତି। ତେଣୁ ଏ କ୍ଷେତ୍ରରେ ସବୁଠାରୁ ବଡ଼ କଥା ହେଉଛି ନିଜର ସମୟର ମୂଲ୍ୟାୟନ ସହ ଦୈନନ୍ଦିନ ରୁଟିନ ବନ୍ଧା ଜୀବନଟିକୁ ମଧ୍ୟ ଦେଖନ୍ତୁ। କାରଣ ଭାବ ପ୍ରବଣତାର ଅନ୍ତହୀନ ବାସ୍ତବତାକୁ ଛୁଇଁବା ଅନେକଙ୍କ ପାଇଁ କେବଳ କଷ୍ଟକର ହୋଇନଥାଏ ବରଂ ବିଶାଦ ଓ ଅବସାଦର କାରଣ ହୋଇଥାଏ। ତେଣୁ ଜଣେ ଏହିପରି ଫିୟର ଅଫ ମିସିଂ ଆଉଟ ବା ହର୍ଡ଼ ମେଣ୍ଟାଲିଟିର ଶିକାର ହୋଇଥିଲେ ପୀଡ଼ିତର ପାଖ ଲୋକମାନେ ଆଦୌ ଅଧୈର୍ଯ୍ୟ ନହୋଇ ବରଂ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ତାଙ୍କ ପାଇଁ ଏକ ଭଲ ରୁଟିନଟି ତିଆରି କରନ୍ତୁ ଏବଂ ସର୍ବୋପରି ତାଙ୍କ ସହିତ ଗଭୀର ଆତ୍ମୀୟତା ବଢ଼ାଇ କିଛି ସମୟ ଏକାଗ୍ରତାର ଲୟ ଶିଖାନ୍ତୁ। ସୋସିଆଲ ମିଡ଼ିଆକୁ ନେଇ ତାଙ୍କ ଭିତରେ ରହିଥିବା ଅହେତୁକ ଦୁର୍ବଳତାକୁ ପ୍ରଶମିତ କରିବା ପାଇଁ ପରିବାରର ଲୋକ ଓ ଆତ୍ମୀୟ ମାନଙ୍କର ଗୁରୁ ଦାୟିତ୍ୱ ରହିଛି।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

# ଜଣା ପଡ଼େ ନାହିଁ ଟାଣେ ପଇସା

**ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ତମାଖୁ ରାକ୍ଷାସ ନିଶାଖୋରଟିକୁ ପଙ୍ଗୁ କରି ବିକଳାଙ୍ଗ କରିଦେବା ସହ ସବୁକିଛି ଜାଳି ପୋଡ଼ି ଭିତରେ ଛାରଖାର କରିଦେଇଥାଏ । ବିଶ୍ୱ ତମାଖୁ ନିରୋଧ ଦିବସରେ ସମଗ୍ର ବିଶ୍ୱରେ ତମାଖୁ ସେବନର ଅପକାରିତା ସ୍ୱାସ୍ଥ୍ୟଗତ ଭୟାବହତା ଉପରେ ଅଙ୍କୁଶ ଲଗାଇବା ସହ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସଚେତନ କରାଇବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରଥମେ ପ୍ରୟାସ ଆରମ୍ଭ ହୋଇଥିଲା । ୧୯୮୭ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଧିବଦ୍ଧ ଭାବରେ ପ୍ରସ୍ତାବ ଆଗତ କରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଚାଳିଶତମ ପ୍ରତିଷ୍ଠା ଦିବସ ଅପ୍ରେଲ ୭, ୧୯୯୮ ମସିହା ବିଶ୍ୱ ତମାଖୁ ନିରୋଧ ଦିବସ ଭାବରେ ପାଳନ କରିବାକୁ ସର୍ବସମ୍ମତି ପ୍ରସ୍ତାବ ମଧ୍ୟ ଗୃହୀତ ହୋଇଥିଲା । ସେ ସମୟରେ ତମାଖୁ ସେବନ କରୁଥିବା ବ୍ୟକ୍ତିମାନଙ୍କୁ ଅତିକମ୍‌ରେ ଗୋଟିଏ ଦିନ ଏଥିରୁ ବିରତ ରହିବାକୁ ସଚେତନ ମାଧ୍ୟମରେ ସେମାନଙ୍କୁ ଅନୁରୋଧ କରାଯାଉଥିଲା । ୧୯୮୮ରେ ଏହି ସଂଗଠନ ପକ୍ଷରୁ ଆଉ ଏକ ପ୍ରସ୍ତାବ ୱାର୍ଲଡ଼ ହେଲଥ୍ ଆସେମ୍ବ୍ଲି ଅଧିବେଶନରେ ଉପସ୍ଥାପନ କରାଯାଇଥିଲା ଯାହାପାଇଁ ମେ ୩୧ ତାରିଖକୁ ବିଶ୍ୱ ତମାଖୁ ନିରୋଧ ଦିବସ ଭାବରେ ପାଳନ କରାଯାଇ ଆସୁଅଛି । ଏହି ନିଶାସେବନର ଅନ୍ୟତମ ବାହାକ ସାଜିଥିବା ତମାଖୁ ବିରୋଧରେ ପ୍ରତିବର୍ଷ ମେ ୩୧ ତାରିଖ ଦିନ ବିଶ୍ୱ ତମାଖୁ ନିରୋଧ ଦିବସ ପାଳନ ହୋଇଥାଏ। ପ୍ରତିବର୍ଷ ପରି ଚଳିତ ବର୍ଷର ବାର୍ତ୍ତା ରହିଛି - 'କ୍ଲିୟର ୟୋର ଲଙ୍ଗସ୍, କ୍ଲିୟର ୟୋର ଲାଇଫ, କୁଇଟ ଟବାକୋ' ("Clear your lungs, clear your life – quit tobacco.")।

ସମଗ୍ର ବିଶ୍ୱରେ ଚିନ୍ତାର କାରଣ ସାଜିଥିବା ପ୍ରମୁଖ ସମସ୍ୟା ଭିତରେ ତମାଖୁ ସେବନ ଅନ୍ୟତମ । ପ୍ରତିବର୍ଷ ପୃଥିବୀର ଜନସଂଖ୍ୟାର ହାରାହାରି ୬ ପ୍ରତିଶତ ଲୋକ ତମାଖୁ ସେବନ ଯୋଗୁଁ ଅକାଳ ମୃତ୍ୟୁବରଣ କରିଥାନ୍ତି । ଶରୀରରେ ଏଭଳି କେତେକ ନିର୍ଦ୍ଦିଷ୍ଟ ଜିନ୍ ରହିଥାଏ ଯାହା ତମାଖୁ ସେବନ ପ୍ରତି ଜଣକୁ ପ୍ରୋତ୍ସାହିତ କରିଥାଏ । ସମ୍ପ୍ରତି ଯୁବପିଢ଼ୀମାନେ ତମାଖୁ ସେବନ ପ୍ରତି ଆକର୍ଷିତ ହୋଇ ନିଜ ଜୀବନକୁ ବିପନ୍ନ କରୁଛନ୍ତି । ତମାଖୁରେ ଥିବା ନିକୋଟିନ୍ ନାମକ ବିଷାକ୍ତ ତତ୍ତ୍ୱ ରକ୍ତରେ ପ୍ରବାହିତ ହୋଇ ସାମୂହିକ କ୍ଷଣିକ ପ୍ରଫୁଲ୍ଲତା ଓ ପରବର୍ତ୍ତୀ ସମୟରେ ସୁସ୍ଥସବଳ ଦେହଟିକୁ ନଷ୍ଟ ବିନଷ୍ଟ କରିଥାଏ । ତମାଖୁ ସେବନ ଏକ ଭୟଙ୍କର ମାଦକ ଦ୍ରବ୍ୟ । ଯେଉଁଥିରେ ଏକରୁ ଆଠ ପ୍ରତିଶତ ନିକୋଟିନ୍ ନାମକ କ୍ଷାରୀୟ ପଦାର୍ଥ ରହିଥାଏ । ଏହାକୁ ନିୟମିତ ସେବନ କଲେ ମାନସିକ ଅବସାଦ, ଶ୍ୱାସ, ଶାରୀରିକ ଦୁର୍ବଳତା, ରକ୍ତହୀନତା, ଯକୃତ ବିକାର, ଦୃଷ୍ଟିଶକ୍ତି ନାଶ, ମାନସିକ ଅବସାଦ ତଥା ମୁଖର ବିଭିନ୍ନ ରୋଗ ଉତ୍ପନ୍ନ ହୋଇଥାଏ । ଧୂମପାନ କରୁଥିବା ବ୍ୟକ୍ତିଙ୍କର ନିୟମିତ ବ୍ୟବଧାନରେ ପେଟ ଯନ୍ତ୍ରଣା ହୁଏ ଓ ଏହା ବିଶେଷକରି ଲିଭର ଓ ବୃକକ୍ ଉପରେ ଗୁରୁତର ପ୍ରଭାବ ପକାଇଥାଏ ଯାହାକି ପରବର୍ତ୍ତୀ ସମୟରେ ପେଟ ସମ୍ବନ୍ଧୀୟ ବିଭିନ୍ନ ଭୟାନକ ରୋଗର କାରଣ ପାଲଟିଥାଏ । କେତେକ କ୍ଷେତ୍ରରେ ଉଭୟ ଲିଭର ଓ କିଡ଼ନୀ ନଷ୍ଟ ହୋଇଯାଇଥାଏ। ଆଉ କେତେକ ରୋଗୀ ଯୁବାବସ୍ଥାରୁ ଏହାର ଶିକାର ହୋଇ ମୃତ୍ୟୁ ପର୍ଯ୍ୟନ୍ତ ଏକ ପ୍ରକାରର ବିକଳାଙ୍ଗ ଜୀବନ ନିର୍ବାହ କରିଥାନ୍ତି। ପ୍ରତିବର୍ଷ ଏହି ତମାଖୁ ରାକ୍ଷାସର କବଳରେ ଛଅ ମିଲିଅନ୍‌ର ଲୋକ ଶିକାର ହୋଇଥାନ୍ତି । ଆମ ରାଜ୍ୟରେ ବର୍ଷକୁ କର୍କଟ ଆକ୍ରାନ୍ତ ହେଉଥିବା ପ୍ରାୟ ୫୦,୦୦୦ ଲୋକଙ୍କୁ ମଧ୍ୟରୁ ଅର୍ଦ୍ଧେକ ଗୁଟ୍‌ଖା, ତମାଖୁ, ଧୂମପାନଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି ଏବଂ ମୃତ୍ୟୁବରଣ କରୁଥିବା ପ୍ରାୟ ୩୦୦୦ ରୋଗୀଙ୍କ ମଧ୍ୟରୁ ୧୨୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଏହି କାରଣରୁ ଘଟୁଥିବା ସୂଚନା ମିଳିଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ରିପୋର୍ଟ ଅନୁସାରେ ସାରା ବିଶ୍ୱରେ ଯେତେ ଲୋକ କର୍କଟରେ ଆକ୍ରାନ୍ତ ହେଉଛନ୍ତି ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ହେଉଛନ୍ତି ଦକ୍ଷିଣ ଏସୀୟ ଦେଶ ସମୂହ ଅଞ୍ଚଳର।

ସିଗାରେଟ କିମ୍ବା ବିଡ଼ି ଧୂଆଁରେ ଚାରି ହଜାରରୁ ଅଧିକ କ୍ଷତିକାରକ ରାସାୟନିକ ପଦାର୍ଥ ରହୁଥିବାରୁ ଏହା ଶରୀର ଭିତରେ ଫୁସ୍‌ଫୁସ୍ କ୍ୟାନସର, ବ୍ରୋଙ୍କାଇଟିସ୍, ହୃଦ୍‌ଘାତ ଏବଂ ମସ୍ତିଷ୍କରେ ଷ୍ଟ୍ରୋକ ଭଳି ମାରାତ୍ମକ ରୋଗ ସୃଷ୍ଟି କରିଥାଏ । ଏହା ମୂତ୍ରାଶୟ, ଖାଦ୍ୟନଳୀ, ବୃକକ୍, ପାକସ୍ଥଳୀ ଓ ଜରାୟୁ କର୍କଟରୋଗର କାରଣ ସାଜିଥାଏ । ସ୍ତ୍ରୀଲୋକମାନେ ଧୂମପାନ କରୁଥିଲେ ଜନ୍ମିତ ଶିଶୁଟି କମ୍ ଓଜନର ହେବା ସହିତ ଶିଶୁଟି ଫୁସ୍‌ଫୁସ୍ ଜନିତ ରୋଗରେ ପୀଡ଼ିତ ହେବାର ଯଥେଷ୍ଟ ଆଶଙ୍କା ରହିଥାଏ । ବର୍ତ୍ତମାନର ଯୁବପିଢ଼ୀ ଧୂମପାନ ବ୍ୟତୀତ ତମାଖୁ ଓ ଗୁଟକାକୁ ବହୁଳ ବ୍ୟବହାର କରୁଥିବାରୁ ମୁଖ୍ୟ ଗହ୍ୱର ଓ ଦାନ୍ତ ମାଢ଼ିରେ ବହୁଳ ଭାବରେ କ୍ଷତ ଦେଖାଯାଇଥାଏ । ସବୁଠାରୁ ଉଦ୍‌ବେଗଜନକ ପ୍ରସଙ୍ଗ ହେଉଛି ସେମାନଙ୍କ ଭିତରୁ ୬୦୦୦୦୦ ଲୋକ ଧୂମପାନ ବା ନିଶା ସେବନ କରିନଥାନ୍ତି କିନ୍ତୁ ତାଙ୍କ ପାଖରେ ଏହି ନିଶାଖୋରଙ୍କ ସଂସ୍ପର୍ଶ ରହୁଥିବାରୁ ପାରିପାର୍ଶ୍ୱିକ ପ୍ରଭାବ ସେମାନଙ୍କୁ ମୃତ୍ୟୁମୁଖକୁ ଟାଣି ନେଇଥାଏ (ସେକେଣ୍ଡହ୍ୟାଣ୍ଡ ଧୂମପାନ) । ତମାଖୁ ରାକ୍ଷାସ କବଳରୁ ଜଣେ ଯେ ମୁକ୍ତି ପାଇ ପାରିବ ନାହିଁ ତାହାନୁହେଁ । ଧୂମପାନରେ ୫୦ ପ୍ରକାରର ଉପାଦାନ ଅଛି ଯାହା କ୍ୟାନସର ସୃଷ୍ଟିର କାରଣ। ଏହାଭିତରୁ ନାଇଟ୍ରୋସାମିନ୍ ଓ ପଲିସାଇକ୍ଲିକ୍ ଏରୋମାଟିକ୍ ହାଇଡ୍ରୋକାର୍ବନ ମୁଖ୍ୟ। କଳକାରଖାନା ମାନଙ୍କରେ କାମ କରୁଥିବା ସହସ୍ରାଧିକ ବ୍ୟକ୍ତି କ୍ୟାନସର ରୋଗରେ ଆକ୍ରାନ୍ତ ହୁଅନ୍ତି( ୨-୨୦%) । ପ୍ରତିବର୍ଷ ଦୁଇଲକ୍ଷ ବ୍ୟକ୍ତି କଳାକାରଖାନା ପ୍ରଦୂଷଣ ଯୋଗୁଁ କର୍ମସ୍ଥଳୀରେ କ୍ୟାନସର ରୋଗରେ ଆକ୍ରାନ୍ତ ହୁଅନ୍ତି। ଏଜ୍‌ବେଷ୍ଟସ୍ ତନ୍ତୁ ବା ଧୂମ ସେବନ ଦ୍ୱାରା ଫୁସ୍‌ଫୁସ୍ କ୍ୟାନସର ହୁଏ। ତେବେ ଶରୀରରୁ ନିକୋଟିନ୍ ଏବଂ ଅନ୍ୟାନ୍ୟ କାର୍ସିନୋଜେନ୍ କାଢ଼ିବା ପାଇଁ ପ୍ରତିଦିନ ତାଜା ଫଳ ସହ ସବୁଜ ପନିପରିବାକୁ ଗୁରୁତ୍ୱ ଦିଅନ୍ତୁ । ପ୍ରଚୁର ପରିମାଣରେ ସବୁଜ ପନିପରିବା ଖାଆନ୍ତୁ ଏବଂ ଆଣ୍ଟିଅକ୍ସିଡେଣ୍ଟ ଏବଂ ଅଧିକ ପୃଷ୍ଟିସାର ଥିବା ଖାଦ୍ୟ ଖାଆନ୍ତୁ ।

ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ଜ୍ୟୋତିଷୀ ଓ ଜ୍ୟୋତିଷବିଦ୍ୟା ପ୍ରେମୀଙ୍କୁ ଆହ୍ୱାନ

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ବର୍ତ୍ତମାନ ସର୍ବତ୍ର ଯନ୍ତ୍ର ଦ୍ୱାରା ବହୁପ୍ରକାର ସୂଚନାଦି ପୂର୍ବରୁ ଅନୁମାନ କରିହେଲାଣି। କିନ୍ତୁ ଏହି ସୂଚନା ବହୁ ଆଗରୁ ସୂଚନା ପାଇଁ ଏମିତି କିଛି ସ୍ଥାୟୀ ବ୍ୟବସ୍ଥା ଏ ପର୍ଯ୍ୟନ୍ତ ହେବା ସ୍ଥିର ହୋଇନାହିଁ। ଯଥା ଶିଶୁଟିଏ ଜନ୍ମ ହେଲେ ତାର ବର୍ଷ ବଢ଼ିଲେ କି କି ପ୍ରକାର ରୋଗ ବ୍ୟାଧି ଓ ବିଭଗିନ୍ନ ପ୍ରକାର ବାଧାର ସମ୍ମୁଖୀନ ହୋଇପାରେ ଯଥା ଯୁଗ ଆରମ୍ଭରୁ ଯୁଗ କାଳ ଆଗେଇ ଚାଲିଲେ କ'ଣ କ'ଣ ପରିବର୍ତ୍ତନ ହୋଇଚାଲିବ ଯଥା ୩୦ ବର୍ଷିଆ ଏକ ଚକ୍ରରେ ଆଗୁଆ ଆଗ କ'ଣ ପରିବର୍ତ୍ତନ ଦେଶରେ, କାଳରେ ଓ ପାତ୍ରଙ୍କର ହୋଇପାରେ ଏପରି ପ୍ରତିବର୍ଷ ଏପରି ବର୍ଷ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ କ'ଣ କ'ଣ ପରିବର୍ତ୍ତନ ହୋଇପାରେ ଓ ସମୟ ଉପଭୋକ୍ତା ମାନଙ୍କ ମଧ୍ୟରେ କେଉଁ କେଉଁ ଗୋଷ୍ଠୀ ଲାଭ ପାଇବେ କିଏ କ୍ଷତି ସହିବେ ଏମିତି ଅନେକ ପ୍ରକାର ଘଟଣା ଅଗ୍ରୀମ ସୂଚନା ଯେ କୌଣସି ଯନ୍ତ୍ର ଏପର୍ଯ୍ୟନ୍ତ ଦେଇପାରିବ ନାହିଁ।

ବିଦ୍ୟାର୍ଜ୍ଜନ କାଳରେ ଶିକ୍ଷକମାନେ ପିଲାର ଧର୍ମଶାସ୍ତ୍ରରେ ପରାକାଷ୍ଠା ବାରମ୍ବାର ତଦନ୍ତ କରି କିଏ ବିଦ୍ୱାନ ହେବ କିଏ ଗଧ ହେବ ବା କିଏ ଶ୍ରମ ଜୀବନ ଯାପନ କରିବ ତାହା ଜାଣିପାରନ୍ତି। ପରୀକ୍ଷା ଖାତା ଦେଖିବାବେଳେ ଶିକ୍ଷକ ଉପଯୁକ୍ତ ପ୍ରଶ୍ନ ଉପଯୁକ୍ତ ଉତ୍ତର ଦେଖିବାକୁ ନ ପାଇଥିଲେ ମୂଲ୍ୟାୟନ କରି ପିଲାର ଭବିଷ୍ୟତ ସୂଚନା ପିଲାର ମୁରବୀ ମାନଙ୍କୁ ପୋଗ୍ରେସ ରିପୋର୍ଟରେ ସୂଚାନ୍ତି। ଯଦି ସେ ପିଲାର ଯତ୍ନ ନିଆଯାଏ ତେବେ ଶିକ୍ଷକ ଯାହା ଭାବି ଥାନ୍ତି ତାହାହିଁ ତାର ଜୀବନରେ ଘଟିଥାଏ। ସବୁ ସ୍ତରରେ ଭବିଷ୍ୟତ ଜାଣିବା ପାଇଁ ସମସ୍ତେ ଉତ୍ସୁକ ମାତ୍ର ଘଟିବା ଘଟଣା ମଧ୍ୟରେ ଯଦି ଆତଙ୍କ ଆସିବ ଏହାପାଇଁ ସତର୍କ ରହିବାକୁ ମଧ୍ୟ ପରିସ୍ଥିତି ଦୌଡ଼ାଏ। ଚୀନ ଦେଶର ଉହାନ ସହରରେ କରୋନା ପାର୍ଦ୍ଦୁଭାବ ଦେଖାଦେଲା ଆସ୍ତେ ଆସ୍ତେ ଏ ପୃଥିବୀ ବ୍ୟାପିଗଲା ଏକଥା ସମସ୍ତେ ଅଙ୍ଗେ ଲିଭାଇଛନ୍ତି। ଏ ରୋଗ ବ୍ୟାପିବା ପାଇଁ କେଉଁ କେଉଁ ମାଧ୍ୟମ ହୋଇଛି ତାର ସ୍ତରକୁ ସର୍ବଦା ଧ୍ୟାନ ପାଇଁ ମୂଳତଃ ଧରା ଯାଉନାହିଁ। ଯଦିବା ଦେଶରୁ ଦେଶ ଯାତ୍ରା ପାଇଁ ଭିସା ପାସପୋର୍ଟର ବିଧାନ ରହିଛି ଏ ମଧ୍ୟରେବ୍ୟକ୍ତିର ଜଳ ବାୟୁ ପରିବେଶ ଯେ ଏକରୁ ଦୁଇ ହୋଇଯିବ ଭାଷା କଥନ ବଦଳିଯିବ, ଖାଇବା ପିଇବା ବଦଳିଯିବା ଏକଥା ସମସ୍ତଙ୍କୁ ପ୍ରଥମେ ଭାବିକାକୁ ପଡ଼ିବ। ଅଗ୍ନରେ କାମ କରିବା ଲୋକ ହଠାତ୍ ଯାଇ ବରଫରେ କାମକଲେ ତାର ସ୍ୱାସ୍ଥ୍ୟ ଭଲ ରହିବ କି ? ସେହିପରି ହଲାକା ପୋଷାକ ପିନ୍ଧିବା ଲୋକ ଓଜନଦାର କୋଟପ୍ୟାଣ୍ଟରେ ଆବୃତ୍ତ ରହିଲେ ଚର୍ମରେ କିଛି ବ୍ୟତିକ୍ରମ ଘଟିବ ନା ନାହିଁ। ଏ ଦେଶ ଲୋକ ଛଅ ଋତୁରେ ଅଭ୍ୟସ୍ତ ମାତ୍ର ଅନ୍ୟ ଦେଶକୁ ଗଲେ କେବେ ସଠିକ ଛଅ ଋତୁର ଅନୁଭବ କରିପାରିବେ ନାହିଁ। ରୋଗ ମାନବ ଅନ୍ତରୁ ଓ ମହରଗ ଆକାଶରୁ ହିଁ ହୁଏ। ଆର୍ଯ୍ୟୁବେଦ ଔଷଧ ନିର୍ମାତା ମାନେ ଡାକ ଦିଅନ୍ତି ସବୁ ତାଲାର ଏକ ଚାବି ଏହା ସମ୍ଭବ ନହେଲେ ବି ତଳେଇ ଦେଖିଲେ ମନୁଷ୍ୟର ପରିପାକ ବିଭାଗ ଠିକ ରହିଲେ ଅନ୍ତ୍ରଓ ମୂତ୍ର ଯନ୍ତ୍ର ସଠିକ କାମ କଲେ ଲୋକକୁ ସହଜରେ ରୋଧରିପାରେ ନାହିଁ। ଯଥାର୍ଥରେ ଆକାଶ ଯଦି ଠିକ ବର୍ଷିବ ଠିକ ବେଳାରେ ବର୍ଷିକ ତବେ ତେବ ମହରଗ କେବେ ନୁହଁ ମାତ୍ର ଅବର୍ଷଣ ବା ଅତିବର୍ଷଣ ହେଲେ ମହରଗ ତ ହେବ ତତସହିତ ମରୁଡ଼ି ଦୁର୍ଭିକ୍ଷ କାହୁଁ କାହୁଁ ମାଡ଼ି ଆସିବ। ସବୁର ଆଗାମୀ ସୂଚନା ପାଇଁ ପୂର୍ବେ ଋଷିମୂନୀଙ୍କର ଅନୁଧାନରୁ ଜ୍ଞାନୀମାନଙ୍କର ତାହା ଗଣ୍ଠିଧନ ହୋଇଯାଇଥିଲା। ଯେତେବେଳେ ଋଷିମୂନୀଙ୍କର ଆଦର ରାଜ ଶକ୍ତିଙ୍କର ଅତି ସମ୍ମାନସ୍ପଦ ସ୍ଥାନ ଥିଲା, ସେତେବେଳେ ଶାସ୍ତ୍ର ଗୁଡ଼ିକ ବାରମ୍ବାର ମାର୍ଜିତ କରିବା ଉପାୟ ମାନ ବେଳକୁ ବେଳ ସଂସ୍କାର ହେଉଥିଲା। ସେତେବେଳେ ସବୁ ଦେଶୀୟ ରାଜ୍ୟ ଓ ରାଜ ଥିଲେ ସେହି ରାଜ୍ୟର କେଉଁପଟରୁ ପାଣି କେଉଁ ପଟକୁ ବର୍ଷା ସମ୍ଭବରେ ଭୂମି ଭିଜାଇ ପାରେ ତଳକୁ ଗଡ଼ିପାରେ ଏ ପ୍ରକାର ତଥ୍ୟ ସହିତ କେଉଁ ଦିଗରୁ ପବନ କେଉଁ ସମୟରେ ବହିବ ତାର ବିଧାନ ବି ସ୍ଥିର କରାଯାଇ ତହିଁ ଉପରେ ଫସଲ ଖସଡ଼ା କରାଯାଉଥିଲା।

ଏବେ ଭାରତ ଏକ ବିରାଟଦେଶ ଆଉ ରାଜ୍ୟ ବି କ୍ଷେତ୍ରଫଳ ଦୃଷ୍ଟେ ବଡ଼ ବ୍ୟାପକ କ୍ଷେତ୍ର, ଏଥିରେ ମାଳଭୂମି ସମତଳ ଭୂମି ସହିତ ଜଙ୍ଗଲ ସମୁଦ୍ରତଟ ନଦୀ ମାନଙ୍କର ଦୁଇ ପାର୍ଶ୍ୱ, ନଦୀର ଉପରମୁଣ୍ଡ ବନ୍ଧ ତଳ ମୁଣ୍ଡରେ ଗଡ଼ାଣିଆଁ ଭୂମି ଏହା ଉପରେ ଲୋକଙ୍କର ଅଗ୍ନି ବ୍ୟଞ୍ଜନର ହାଟ ମୃତ୍ତିକା କରୁଛନ୍ତି। ଦୁଇ ପ୍ରକାର ମୌସୁମୀ ବାୟୁ ଏ ରାଜ୍ୟରେ ବାଣିଜିକ ବାୟୁ ଯହିଁରେ ଫସଲାଦି ଉତ୍ପାଦନ ହେଉଛି। ମାଟି ବର୍ଷାଦିନେ ଭିଜିଥାଏ ମାଟି ଉପର ଜଳ ଅନେକ ତଳକୁ ବୋହିଗଲେବି ମାଟିର ସଚ୍ଛିଦ୍ର ସ୍ତରରେ ମାଧ୍ୟାକର୍ଷଣ ଶକ୍ତିରେ ତଳକୁ ତଳକୁ ଯିବା ସହିତ ତଳମାଟି ଉପର ମାଟିରୁ ଶୋଷି ନବା ପଦ୍ଧତିରେ କିଛି ଜଳ ତଳକୁଯାଇ ପୂର୍ବରୁ ଥିବା ଜଳସ୍ତର ସହିତ ସଂଯୋଗ ହୋଇଥାଏ। ଏସବୁ ମାଟି ଉପରେ ଥିବା ଗଛଲତାକୁ ବଞ୍ଚାଇ ରଖାଏ ଓ ମନୁଷ୍ୟ ମାନଙ୍କୁ କୂପ ମାର୍ଫତ ବ୍ୟହାର ଜଳ ଯୋଗାଉଥିବା ଏତେ କୂପଜଳର ଚାହିଦା ନାହିଁ। ନଳକୂପ ବସାଯାଇ ଜଳ ଶୋଷି ଉପରକୁ ଉଠାଯାଉଛି। ବହୁ ଜଙ୍ଗଲ ଭୂମି ରାସ୍ତାକଡ଼ ଗଛ ଓ କିଛି ରାସ୍ତା ଘର କାରଖାନାଦି ନିର୍ମାଣ ପାଇଁ ହାଣି ନଷ୍ଟ କରାଯାଉଛି। ଏସବୁ ବୃକ୍ଷର ଉପରକୁ ପାଣି ଚେର ଦ୍ୱାରା ଟାରି ଡାଳପତ୍ରକୁ ଯୋଗାଇବା ପ୍ରକ୍ରିୟା ରଦ୍ଧ କରିଦେବାରୁ ମୃତ୍ତିକା ଜଳସ୍ତର ତଳକୁ ତଳ ଚାଲିଯାଉଛି। ସହର ମାନଙ୍କରେ ମାଟିର ଘର ନାହିଁ, ମାଟିର ମୂଳଦୁଆ ନାହିଁ, ନଦୀବାଲିରେ ସମସ୍ତଙ୍କର ଘରର ଭିତ୍ତିଭୂମି, କେଉଁଟି ଖମ୍ବ ଉପରେ ଓ ଓଜନଦାର ନିର୍ମାଣ। ଏଣେ ମାଟି କମ୍ପାଇ ବଡ଼ ବଡ଼ ଯାନ ବଡ଼ରାସ୍ତା ରେଲରାସ୍ତା ଓ ଘର ପାଖ ଗଳିରାସ୍ତାରେ ଦୌଡୁଛି। ଏସବୁ ମାଟିରେ ଭୟାନକ କମ୍ପନ ସୃଷ୍ଟି କରୁଛି। କଳକାରଖାନାରେ ବ୍ୟବହୃତ ବିଭିନ୍ନ ରସାୟନିକ ଦ୍ରବ୍ୟର ଦୂଷିତ ବାଷ୍ପ ଚିମିନିରେ ଆକାଶକୁ ଛଡ଼ା ଯାଉଛି ଯାହା କିଛି ଉଚ୍ଚ ଆକାଶରେ ବାଷ୍ପଟି ଘୁରି ବୁଲିବା ବେଳେ ବର୍ଷା ପାଗରେ ମେଘ ମାଡ଼ରେ ତଳକୁ ଖସିଛି ଯାହା ସିମେଣ୍ଟ କାନ୍ଥ ଗୁଡ଼ିକର ରାସାୟନିକ କ୍ରିୟାରେ ଗ୍ୟାସ ଅମ୍ଳ ସଂଘାତ ଘରର କାନ୍ଥ ଛାତର ବାହାରସ୍ତର କ୍ଷତି ବାରମ୍ବାର କରାଉଛି।

ଲୋକଙ୍କ ହେଜ ପଶୁନାହିଁ ଖାଲି ରହିବା କଥା ଭାବୁଛନ୍ତି କେହି ଭବିଷ୍ୟତ ବଂଶଧରଙ୍କ ପାଇଁ ବର୍ଦ୍ଧିତ ଜନତାଙ୍କୁ କ'ଣ ଖାଇବଞ୍ଚିବାକୁ ହେବ ଏକଥା ଭାବୁଛନ୍ତି। ଏସବୁ ସହିତ ପ୍ରକୃତି ଏବେ ତାଣ୍ଡବରେ ରହିଲାଣି। କେବେ ବିଜୁଳୀ ଘଡ଼ଘଡ଼ିରେ ଏତେ ଲୋକ କ୍ଷୟ ହେବା ଶୁଣା ନଥିଲା ସହରରେ ପକାରାସ୍ତାରେ ଜଳପ୍ଳାବନ ହେବା ଶୁଣାନଥିଲା ଏପରି ସ୍ଥଳେ ଜ୍ୟୋତିଷ ମାନଙ୍କର ଏସଂସାରକୁ ପୁଣି ବେପଥରେ ନେବା ପାଇଁ ଚେଷ୍ଟା ରହିବା ଦରକାର। ବ୍ୟକ୍ତିଗତ ଜୀବନରେ ଲୋକଙ୍କ ଶୁଦ୍ଧା ସାତ୍ତ୍ୱିକ ଜୀବନ ପାଇଁ ପ୍ରବର୍ତ୍ତାଇବା ପାଇଁ ଗୃହ ନିର୍ମାଣ ସଂସାର ବାନ୍ଧିବା ସୁସନ୍ତାନ ସୃଷ୍ଟି କରିବା ପଡ଼ୋଶୀ ସହିତ ଭାଇଚାରା ରଖିବା କଳିତର୍କ ବିହୀନ ପରିବାର ସୃଷ୍ଟି କରିବା ଗୁରୁ ଗୁରୁଜନଙ୍କ ସେବା କରିବା ଗୃହ ପାଳିତ ଜୀବ ମାନଙ୍କର ଉପଯୁକ୍ତ ଥଇଥାନ କରିବା ଦାୟିତ୍ୱବୋଧରେ ଜ୍ୟୋତିଷିଙ୍କର ଭୂମିକା ଅପ୍ରମିତ। ଯଦି ସମୟରେ ଯୋଗାଯୋଗ ଅତି ଉନ୍ନତ ହେବା ସମସ୍ତଙ୍କୁ ଜଣା ସବୁ ପଥର ଜ୍ୟୋତିଷମାନେ ପାଣିପାଗ ସେସ୍ଥାନର ପ୍ରକୃତି ସେ ସ୍ଥାନର ସମୁଦ୍ରପତନ ଉଚ୍ଚତା ଆକାଶୀୟ ମେଘର ଦୃଶ୍ୟ ପବନର ଦିଗ ଆଦି ଅନୁଧାନ ନିତ୍ୟ କରି ନିଜର ପାଖ ଦିଗର ଲୋକଙ୍କୁ ଜଣାନ୍ତେ ତେବେ ଏକ ଭଲ ଭବିଷ୍ୟତ ବାଣୀ ବହୁ ଆଗରୁ କରି ଲୋକଙ୍କୁ ସତର୍କ କରାଯାଇପାରନ୍ତି। ଏବେ କେହି କୃଷିକୁ ପସନ୍ଦ ନକରି କେବଳ ଡାକ୍ତର ଇଞ୍ଜିନିୟର ପ୍ରଶାସକ ହେବାକୁ ଚେଷ୍ଟିତ। ଗାଈ ନପାଳି ଦୁଗ୍ଧଘୃତ ଉପଭୋକ୍ତା ଚାଷ ନକରି ଭୋଜନରେ ସ୍ୱାଦିଷ୍ଟ ଚଳୁ। ପଡ଼ୋଶୀ କଥା କେହି ବୁଝନ୍ତି ନାହିଁ। ନିର୍ମାଣ ଯେତିକି ଭୂମି ଖଣ୍ଡିଏ ହାସଲ କର୍ମକରିପକାଉଛନ୍ତି। ଏସବୁ ପାଇଁ ନିହାତି ଉପଦେଶ କାହାର ଆବଶ୍ୟକ ତେବେ ଅର୍ଥପିପାସୁ ହୋଇ ଭୁଲ ପରାମର୍ଶ ଜ୍ୟୋତିଷୀ ମାନେ ନଦେଇ କଠୋର ସତ୍ୟ କହିଲେ ନିଶ୍ଚୟ ସଂସାରର ଉପକାର ହେବ। ଅନ୍ନ ବିହୁନେ ହଂସହାନି, ଯୋଗସାଧିକବ କାହା ଘେନି।'

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩



# ରିଲାଏନ୍ସର ଏଆଇ ଉପରେ ଜୋର: ନୂତନ ଏଆଇ ସହାୟକ କମ୍ପାନୀ 'ରିଲାଏନ୍ସ ଇଣ୍ଟେଲିଜେନ୍ସ' ଗଠନ ଘୋଷଣା ଏବଂ ଗୁଗୁଲ ଓ ମେଟା ସହିତ ସହଭାଗିତା ସ୍ଥାପନ

ମୁମ୍ବାଇ: ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧକ୍ଷ ମୁକେଶ ଅମ୍ବାନୀ ଶୁକ୍ରବାର ଏକ ନୂତନ ସହାୟକ କମ୍ପାନୀ, 'ରିଲାଏନ୍ସ ଇଣ୍ଟେଲିଜେନ୍ସ' ଗଠନ ଘୋଷଣା କରିଛନ୍ତି, ଯେଉଁଥିରେ ବ୍ୟାପକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଭିତ୍ତିଭୂମି ରହିବ। ଏଥିସହିତ ବିଶ୍ୱର ପ୍ରମୁଖ ଟେକ୍ନୋଲୋଜି କମ୍ପାନୀ ମେଟା ଏବଂ ଗୁଗୁଲ ସହିତ ନୂତନ ସହଭାଗିତା ସମ୍ପର୍କରେ ସେ ସୂଚନା ଦେଇଛନ୍ତି। ସବୁଠାରେ ଏବଂ ସଭିଙ୍କ ପାଇଁ ଏଆଇର ଦୃଷ୍ଟିକୋଣକୁ କମ୍ପାନୀ ଆଗକୁ ବଢ଼ାଉଥିବା ପ୍ରକାଶ କରି ରିଲାଏନ୍ସର ୪୮ତମ ବାର୍ଷିକ ସାଧାରଣ ବୈଠକରେ ସେ ଏହା କହିଛନ୍ତି। ରିଲାଏନ୍ସ ଇଣ୍ଟେଲିଜେନ୍ସ ଗିଗାୱାଟ୍-ସ୍କେଲ, ଏଆଇ-ରେଡି ଡାଟା ସେଣ୍ଟର ନିର୍ମାଣ କରିବ, ଯାହା ସବୁଜ ଶକ୍ତି ଦ୍ୱାରା ପରିଚାଳିତ ହେବ ବୋଲି ଅମ୍ବାନୀ କମ୍ପାନୀର ଏଜିଏମରେ ସୂଚନା ଦେଇଛନ୍ତି। ରିଲାଏନ୍ସ ଏଜିଏମରେ ଅମ୍ବାନୀ ମଧ ମେଟା ଏବଂ ଗୁଗୁଲ ସହିତ ନୂତନ ସହଭାଗିତା ସ୍ଥାପନ ନେଇ ଘୋଷଣା କରିଛନ୍ତି। ଏହି ସହଭାଗିତା ସମ୍ପର୍କରେ ମେଟାର ପ୍ରତିଷ୍ଠାତା ଓ ସିଇଓ ମାର୍କ ଜୁକରବର୍ଗ ଏବଂ ଆଲଫାବେଟ ଓ ଗୁଗୁଲର ସିଇଓ ସୁନ୍ଦର ପିଚାଇ ରିଲାଏନ୍ସ ଏଜିଏମରେ ସମ୍ବୋଧିତ କରିଥିଲେ।

'ଏକ ଦଶନ୍ଧି ପୂର୍ବରୁ, ଡିଜିଟାଲ ସେବା ରିଲାଏନ୍ସ ପାଇଁ ଏକ ନୂତନ ଅଭିବୃଦ୍ଧି ଇଞ୍ଜିନ ହୋଇଥିଲା। ବର୍ତ୍ତମାନ, ଏଆଇ ସହିତ ଆମ ସାମ୍ନାରେ ସମାନ ଧରଣର ସୁଯୋଗ ରହିଛି। ଜିଓ ସବୁଠି ଏବଂ ସବୁ ଭାରତୀୟଙ୍କ ପାଇଁ ଡିଜିଟାଲ ସେବା ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇଥିଲା ଏବଂ ପୁରଣ ମଧ କରିଛି। ସେହିଭଳି, ରିଲାଏନ୍ସ ଇଣ୍ଟେଲିଜେନ୍ସ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ସବୁସ୍ଥାନରେ ଏଆଇ ପ୍ରଦାନ କରିବାର ପ୍ରତିଶ୍ରୁତି ନେଇଆସିଥିବା ଅମ୍ବାନୀ କହିଛନ୍ତି। ଏଥିସହିତ ସେ କହିଛନ୍ତି ଯେ ରିଲାଏନ୍ସ ଇଣ୍ଟେଲିଜେନ୍ସ ଚାରୋଟି ସ୍ପଷ୍ଟ ଲକ୍ଷ୍ୟ ସହିତ ପରିକଳ୍ପିତ ହୋଇଛି, ଯାହା ମଧ୍ୟରେ



ରହିଛି ଭାରତର ପରବର୍ତ୍ତୀ ପିଢ଼ିର ଏଆଇ ଭିତ୍ତିଭୂମିକୁ ସ୍ଥାନ ଦେବା, ବିଶ୍ୱସ୍ତରୀୟ ସହଭାଗୀତା ସ୍ଥାପନ କରିବା, ଭାରତ ପାଇଁ ଏଆଇ ସେବା ନିର୍ମାଣ କରିବା ଏବଂ ଏଆଇ ପ୍ରତିଭାକୁ ପ୍ରୋତ୍ସାହିତ କରିବା।

'ଜାମନଗରରେ ଗିଗାୱାଟ-ସ୍କେଲ ଏଆଇ-ରେଡି ଡାଟା ସେଣ୍ଟର ଉପରେ କାମ ପୂର୍ବରୁ ଆରମ୍ଭ ହୋଇସାରିଛି। ରିଲାଏନ୍ସର ନୂତନ ଶକ୍ତି ଇକୋସିଷ୍ଟମ ଦ୍ୱାରା ପରିଚାଳିତ ଏହି ଡାଟା ସେଣ୍ଟରଗୁଡ଼ିକ ପର୍ଯ୍ୟାୟକ୍ରମେ ଭାରତର ବୃଦ୍ଧିପାଉଥିବା ଆବଶ୍ୟକତା ସହିତ ଉପଲବ୍ଧ ହେବ ବୋଲି ସେ କହିଛନ୍ତି। ରିଲାଏନ୍ସ ଇଣ୍ଟେଲିଜେନ୍ସ ବିଶ୍ୱସ୍ତରୀୟ ସହଭାଗୀତାକୁ ମଧ ପୂରଣ କରିବ, ବିଶ୍ୱର ଟେକ୍ ଟାଇଟନ୍ ମାନଙ୍କୁ ଓପନ ସୋର୍ସ କମ୍ୟୁନିଟିରେ ଏକତ୍ର କରିବ।

'ରିଲାଏନ୍ସ ଇଣ୍ଟେଲିଜେନ୍ସ ଗ୍ରାହକ, ଛୋଟ ବ୍ୟବସାୟ ଏବଂ ଉଦ୍ୟୋଗଗୁଡ଼ିକ ପାଇଁ ବିଶ୍ୱସ୍ତ, ବ୍ୟବହାର କରିବାକୁ ସହଜ ଏଆଇ ସେବା ଏବଂ ଶିକ୍ଷା, ସ୍ୱାସ୍ଥ୍ୟସେବା ଓ କୃଷି ଭଳି ଜାତୀୟ ଗୁରୁତ୍ୱ ବହନ କରୁଥିବା କ୍ଷେତ୍ର ପାଇଁ ସହଜଲବ୍ଧ ସମାଧାନ ପ୍ରଦାନ କରିବ। ସେବାଗୁଡ଼ିକ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ସ୍ତରରେ ନିର୍ଭରଯୋଗ୍ୟ ଏବଂ ସୁଲଭ ହେବ।'ରିଲାଏନ୍ସ ଓ ମେଟା ସହଭାଗିତାରେ ହେବାକୁ ଥିବା ଭାରତ-କେନ୍ଦ୍ରିତ ଏଆଇ ମିଳିତ ଉଦ୍ୟମ ଭାରତରେ ଉଦ୍ୟୋଗ ଏବଂ ଚୟନିତ ଅନ୍ତର୍ଜାତୀୟ ବଜାର ପାଇଁ ଏଆଇ ସମାଧାନ ନିର୍ମାଣ ଏବଂ ସମ୍ପ୍ରସାରଣ କରିବ। ଏହି ମିଳିତ ସହଭାଗିତା ରାଜିନାମା ଅନୁଯାୟୀ, ରିଲାଏନ୍ସ ଏବଂ ମେଟା ମିଳିତ ଭାବରେ ୮୫୫ କୋଟି ଟଙ୍କା (ପ୍ରାୟ ୧୦୦ ନିୟୁତ ଡଲାର) ର ପ୍ରାରମ୍ଭିକ ନିବେଶ କରିବେ, ଯାହା ୭୦ ପ୍ରତିଶତ ଏବଂ ୩୦ ପ୍ରତିଶତ ଅନୁପାତରେ ରହିବ।

ଏହି ସହଭାଗିତା ସମ୍ପର୍କରେ ମେଟା ପ୍ରତିଷ୍ଠାତା ଏବଂ ସିଇଓ ମାର୍କ ଜୁକରବର୍ଗ କହିଛନ୍ତି 'ମେଟା ଏବଂ ରିଲାଏନ୍ସ ଭାରତୀୟ ବ୍ୟବସାୟଗୁଡ଼ିକୁ ସେମାନଙ୍କ କାର୍ଯ୍ୟ ପାଇଁ ଏହାର ଓପନ ସୋର୍ସ ଏଆଇ ମଡେଲଗୁଡ଼ିକ ପ୍ରଦାନ କରିବାକୁ ଯାଉଛନ୍ତି। ଲାମା ସହିତ, ଆମେ ଦେଖିଛୁ ଯେ ଏଆଇ କିପରି ମାନବ ଦକ୍ଷତାକୁ ବୃଦ୍ଧି କରିପାରେ, ଉତ୍ପାଦକତାକୁ ବୃଦ୍ଧି କରିପାରେ, ସୃଜନଶୀଳତାକୁ ପ୍ରେରଣା ଦେଇପାରେ ଏବଂ ନବସୃଜନକୁ ତ୍ୱରାନ୍ୱିତ କରିପାରେ। ଏବଂ ବର୍ତ୍ତମାନ, ରିଲାଏନ୍ସର ପହଞ୍ଚ ଏବଂ ସ୍କେଲ୍ ସହିତ, ଆମେ ଏହାକୁ ଭାରତର ପ୍ରତ୍ୟେକ କୋଣରେ ପହଞ୍ଚାଇପାରିବୁ।'

## ପାରାଦୀପରେ କୋର୍ଟ ପ୍ରତିଷ୍ଠା ପାଇଁ ଓଡିଶା ହାଇକୋର୍ଟଙ୍କୁ କୃତଜ୍ଞତା ଜଣାଇଲେ ଶିକ୍ଷମନ୍ତ୍ରୀ

# ପାରାଦୀପ ବାର୍ ଆସୋସିଏସନ୍ ପକ୍ଷରୁ ମାନ୍ୟବର ମନ୍ତ୍ରୀଙ୍କୁ ଅଭିନନ୍ଦନ

ପାରାଦୀପ-୩୧।୦୮ (ନି.ପ୍ର) : ପାରାଦୀପଠାରେ ଆଡିସିନାଲ୍ ଚିଫ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ଏବଂ ଜେଏମଏଫସି (ପ୍ରଥମ ଶ୍ରେଣୀ) ସ୍ଥାପନ କରିବା ପାଇଁ ଦୀର୍ଘ ଦିନ ହେବ ଦାବୀ ହୋଇ ଆସୁଥିଲା । ଏହା ଉପରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ପଦକ୍ଷେପ ନେବା ସହିତ ପାରାଦୀପରେ କୋର୍ଟ ପ୍ରତିଷ୍ଠା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ପାରାଦୀପଠାରେ ଆଡିସିନାଲ୍ ଚିଫ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ଏବଂ ଜେଏମଏଫସି (ପ୍ରଥମ ଶ୍ରେଣୀ) ସ୍ଥାପନ କରିବା ପାଇଁ ମାନ୍ୟବର ଓଡିଶା ଉଚ୍ଚ ନ୍ୟାୟାଳୟ ସ୍ୱୀକୃତି ଦେଇଥିବାରୁ ମାନ୍ୟବର ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ତଥା ପାରାଦୀପ ବିଧାୟକ ସମ୍ପଦ ଚନ୍ଦ୍ର ସ୍ୱାଇଁ ମାନ୍ୟବର ଓଡିଶା ଉଚ୍ଚ ନ୍ୟାୟାଳୟଙ୍କୁ କୃତଜ୍ଞତା ଜଣାଇଛନ୍ତି । ପାରାଦୀପରେ ଏକ କୋର୍ଟ ପ୍ରତିଷ୍ଠା ପାଇଁ ମାନ୍ୟବର ମନ୍ତ୍ରୀ ଶ୍ରୀ ସ୍ୱାଇଁ ଉଦ୍ୟମ ଆରମ୍ଭ କରିଥିଲେ ତାହା ଫଳପ୍ରଦ ହୋଇଛି । ପାରାଦୀପରେ କୋର୍ଟ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ଦେବାକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । କୋର୍ଟ ପ୍ରତିଷ୍ଠା ପାଇଁ କେତେ ଜମିର ଆବଶ୍ୟକତା ରହିଛି, କେଉଁଠାରେ ସ୍ଥାୟୀ ଭାବେ କୋର୍ଟ ଗୃହ ନିର୍ମାଣ ହେବ ସେ ନେଇ ମାନ୍ୟବର ମନ୍ତ୍ରୀ ଶ୍ରୀ ସ୍ୱାଇଁ ବିଶଦ୍ ଭାବେ ଆଲୋଚନା କରିଥିଲେ । ପାରାଦୀପରେ କୋର୍ଟ ପ୍ରତିଷ୍ଠା ପାଇଁ ଆବଶ୍ୟକୀୟ ସମସ୍ତ ସହାୟତା ଯୋଗାଇ ଦେବାକୁ ପାରାଦୀପ ନଗରପାଳ ବସନ୍ତ ବିଶ୍ୱାଳ କହିଛନ୍ତି । ରବିବାର ଦିନ ପାରାଦୀପ ବାର୍ ଆସୋସିଏସନ୍ ସଭାପତି ତଥା ଓଡିଶା ହାଇକୋର୍ଟରେ ରାଜ୍ୟ ସରକାରଙ୍କ ଆଡିସିନାଲ୍ ଗଭର୍ଣ୍ଣମେଣ୍ଟ ଆଡଭୋକେଟ୍ ତପନ କୁମାର ଦାଶ, ଉପସଭାପତି ତଥା ପାରାଦୀପର ନଗରପାଳ ବସନ୍ତ କୁମାର ବିଶ୍ୱାଳ, ସମ୍ପାଦକ ରବିନ୍ଦ୍ର କୁମାର ଜେନା, କୋଷାଧ୍ୟକ୍ଷ ଗୋଲକ ବିହାରୀ ସୂତାର, ବରିଷ୍ଠ କାର୍ଯ୍ୟକାରିଣୀ ସଦସ୍ୟ ସଂଜୟ କୁମାର ମିଶ୍ର ମାନ୍ୟବର ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କୁ ଭେଟି ପାରାଦୀପରେ କୋର୍ଟ ପ୍ରତିଷ୍ଠା ପାଇଁ ମାନ୍ୟବର ମନ୍ତ୍ରୀଙ୍କ ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିଥିଲେ । ମାନ୍ୟବର ମନ୍ତ୍ରୀଙ୍କ ଉଦ୍ୟମ ଯୋଗୁଁ ପାରାଦୀପବାସୀଙ୍କ ବହୁ ଦିନର ଦାବୀ ପୂରଣ ହେବାକୁ ଯାଉଛି । ଏହାର ସମସ୍ତ ଶ୍ରେୟ ମାନ୍ୟବର ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କର ବୋଲି ପାରାଦୀପ ବାର୍ ଆସୋସିଏସନ୍ ସଭାପତି ତପନ କୁମାର ଦାଶ କହିଛନ୍ତି ।

# ବାଗ୍ମୀ ପ୍ରଫୁଲ ପଣ୍ଡାଙ୍କ ପଞ୍ଚମ ବାର୍ଷିକ ସ୍ମୃତି ଉତ୍ସବ ପାଳିତ

ଭଦ୍ରକ,୩୧।୮ (ନି.ପ୍ର) : ଭଦ୍ରକ ଜିଲ୍ଲା ଗଞ୍ଜାମାଳ ଗ୍ରାମ ଠାରେ ବିଶିଷ୍ଟ ସାରସ୍ୱତ ସାଧକ, ନାଟ୍ୟ ଗବେଷକ, ସମୀକ୍ଷକ ସ୍ୱର୍ଗତ ପ୍ରଫୁଲ ପଣ୍ଡାଙ୍କ ସ୍ମୃତି ଉତ୍ସବ ବହୁ ମାନ୍ୟଗଣ୍ୟ ବୁଦ୍ଧିଜୀବି, ସାହିତ୍ୟିକ, ସମାଜସେବୀ ମାନଙ୍କ ଗହଣରେ ମହା ସମାରୋହରେ ପାଳିତ ହୋଇ ଯାଇଛି। ପ୍ରାକ୍ତନ ପ୍ରଧାନ ଶିକ୍ଷକ ବାଇଧର ବିଶ୍ୱାଳଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ କୃଷିକବି ଅରୁଣ ପାତ୍ର, ମୁଖ୍ୟ ବକ୍ତା ଭାବରେ ଦାମୋଦର ସଂସ୍କୃତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ - ସଂସ୍କୃତ ବିଦ୍ୱାନ ପ୍ରମୋଦ ନାୟକ, ସମ୍ମାନିତ ଅତିଥି ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ. ରାମଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ଅନ୍ୟ ବରେଣ୍ୟ ଅତିଥି ମାନଙ୍କ ମଧ୍ୟରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ ସାମଲ, ଡା. ସଞ୍ଜୟ ଦାସ, ଧାମନଗର ବ୍ଲକ ଅଧକ୍ଷ ପ୍ରତିନିଧି ଅଶୋକ ନାୟକ, ଭଦ୍ରକ ବ୍ଲକ ଉପାଧକ୍ଷ ମୁକୁନ୍ଦ ଦେବ ସାମଲ, ପ୍ରଫେସର ଅଟଳ ବିହାରି ନାୟକ, ସଂଗୀତକାର ସୁବାସ ମଲ୍ଲିକ, ଲକ୍ଷ୍ମୀକାନ୍ତ ରାଉତ, ନାଟ୍ୟକାର ନିର୍ମଳ ରାଉତ, କବି ଆରୁପାନନ୍ଦ, ଏନ୍.କେ. ଦେବଶର୍ମା, ସରପଞ୍ଚ ପଦ୍ମାବତୀ ପୃଷ୍ଟି, ସମିତିସଭ୍ୟ ବଟକୃଷ୍ଣ ଜେନା, ଆନନ୍ଦ ବଜାର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବୈକୁଣ୍ଠ ବିଶ୍ୱାଳ, ପ୍ରମୁଖ ଯୋଗଦେଇ ପ୍ରଫୁଲ ପଣ୍ଡା ଜଣେ ବିସ୍ମୟ ସାରସ୍ୱତ ପ୍ରତିଭା ଥିଲେ ବୋଲି ମତ ପୋଷଣ କରିଥିଲେ। ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା ସଙ୍ଗୀତ ବିଦ୍ୟାଳୟର ଛାତ୍ରଛାତ୍ରୀ ସଂଗୀତ ପରିବେଷଣ କରିଥିବା ବେଳେ କଳାକାର କାଳନ୍ଦୀ ମଲ୍ଲିକ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ, ବିଶିଷ୍ଟ କବି ସାରଥି ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା ସଙ୍ଗୀତ ବିଦ୍ୟାଳୟର ସମ୍ପାଦକ ଜଗନ୍ନାଥ କର ସଭା ସଂଯୋଜନା କରିଥିଲେ। ଏହି ଅବସରରେ ବିଶିଷ୍ଟ ନାଟ୍ୟକାର ଅରୁଣ ବାରିକ, ଚିତ୍ରଶିଳ୍ପୀ ପ୍ରଭାତ ଜେନା, କଳିଙ୍ଗ ଟିଭିର ଜିଲ୍ଲା ପ୍ରତିନିଧି ସାମ୍ବାଦିକ ନରେନ୍ଦ୍ର ସାମଲ, ବିଶିଷ୍ଟ ସଙ୍ଗୀତ ଶିଳ୍ପୀ କୁମାର୍ ଗୌତମଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଙ୍ଗୀତକାର ରାମନାରାୟଣ ପଣ୍ଡାଙ୍କ ସଂଯୋଜନାରେ ସନ୍ତୋଷୀ, ଯାଜ୍ଞସେନି ଓ ପ୍ରୀୟାଂଶି ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। କବି ମନୋଜ ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ। ପରିଚାଳନାରେ ସହଯୋଗ କରିଥିଲେ ତାପସ ପଣ୍ଡା, ମାନସ ପଣ୍ଡା, ଉତ୍କଳମଣି ପଣ୍ଡା, ଲଲାଟେନ୍ଦୁ ପଣ୍ଡା, ସ୍ୱାଗତିକା ପଣ୍ଡା, ମହାପ୍ରସାଦ ପଣ୍ଡା, ଅମୂଲ୍ୟ ନାଥ, ଉମାକାନ୍ତ ପୁଷ୍ଟିଆ।



# ସପ୍ସିର 'ଦି ଗ୍ରାଣ୍ଡ ସପ୍ସି ମେଳା'

ଭୁବନେଶ୍ୱର,୩୧।୮ (ନି.ପ୍ର) : ଆଗାମୀ ଉତ୍ସବ ଋତୁ ପାଇଁ ଭାରତ ଯେହେତୁ ନିଜକୁ ପ୍ରସ୍ତୁତ କରୁଛୁ, ଫ୍ଲିପକାର୍ଟ ପରିଚାଳିତ ସପ୍ସି ବର୍ଷର ସବୁଠାରୁ ବୃହତର ସେଲ ସହିତ ସର୍ବାଦୃତ୍ ସପିଙ୍ଗ ପାଳନର ଉତ୍ସବ, ଦି ଗ୍ରାଣ୍ଡ ସପ୍ସି ମେଳା (ଜିଏସଏମ) ପୁଣି ଥରେ ନେଇ ଆସୁଅଛି। ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୦୭ ପର୍ଯ୍ୟନ୍ତ ନିର୍ଦ୍ଧାରିତ ଏହି କାର୍ଯ୍ୟକ୍ରମ ଅନେକଗୁଡ଼ିଏ ଅବିସ୍ମରଣୀୟ ଉତ୍ସାହ ସହିତ ଏହାର ପ୍ରସଙ୍ଗ ରହିଛି "ଐସେ ଗିରେଙ୍ଗେ ଦାମ, ସପିଙ୍ଗ ହୋଗି ସୁବହ ଶାମ।"

ସପିଙ୍ଗ ଉତ୍ସାହ ବୃଦ୍ଧି ପାଇବା ସହିତ ଗ୍ରାହକମାନେ ସେମାନଙ୍କର ସ୍ନେହ ଏବଂ ଉତ୍ସାହକୁ ଆହୁରି ଅଧିକ ମାତ୍ରାରେ ବୃଦ୍ଧି କରିବା ସହିତ ଏହି ଉତ୍ସବ ଋତୁରେ ଆଗକୁ ନେଉଛନ୍ତି ଯାହା ଫଳରେ ସପ୍ସି ସେମାନଙ୍କୁ ତଥା ସେମାନଙ୍କ ପରିବାରକୁ ସମଗ୍ର ଭାରତରେ ନିଜର ପକେଟକୁ ସୁହାଇଲା ଭଳି ବଜେଟକୁ ନେଇ ସାହାଯ୍ୟ କରୁଅଛି। ଚଳିତବର୍ଷ, ଜିଏସଏମ ୧୪୯ ଟଙ୍କା ଭିତରେ ପ୍ରାୟ ଏକ କୋଟିରୁ ଉର୍ଦ୍ଧ୍ୱ ଉତ୍ପାଦନକୁ ସମଗ୍ର ଫ୍ୟାସନ, ଜୀବନଶୈଳୀ, ଘର ତଥା ସୌନ୍ଦର୍ଯ୍ୟକାରୀତାକୁ ନେଇ ବୃଦ୍ଧି କରିବା ସହିତ ଏକ ଚିନ୍ତାଶୀଳ ଗଠନମୂଳକ ମୂଲ୍ୟ ସଚେତନଯୁକ୍ତ ସପିଙ୍ଗ ପାଇଁ ଏହାକୁ ସଠିକ୍ ଭାବରେ ପ୍ରସ୍ତୁତ କରିପାରିଛି। ଜିଏସଏମ କିଛି ଆକର୍ଷଣୀୟ ମୂଲ୍ୟ ସହିତ ଅନେକ ଗୁଡ଼ିଏ ଅଫର ପ୍ରଦାନ କରିବାକୁ ଯାଉଛି ଯାହା ତୁଳନା କରିବା ମୂଲ୍ୟକୁ ନେଇ କଠିନ ଅଟେ ଯାହାକି ପୂର୍ବ ଅପେକ୍ଷା ଚଳିତବର୍ଷ ପର୍ବପର୍ବାଣୀରେ ଅଧିକ ପୁରସ୍କାର ପ୍ରଦାନ ଯୋଜନା ରଖିଛି। ମିଲିୟନରୁ ଅଧିକ ୨, ୩ ଏବଂ ୪ ଶ୍ରେଣୀର ସହର ଗୁଡ଼ିକରେ ଜିଏସଏମ ଏହାର ଉତ୍ସବ ଋତୁର ବିକ୍ରୟ ସଂକେତ ପ୍ରଦାନ କରିବା ଆରମ୍ଭ କରିଛି ଯାହାକି ଅଧିକ ଆଦୃତ ଅତୁଳନୀୟ ଖୁସିର ସମ୍ଭାର ପ୍ରଦାନ କରିବ। ରହିଥିବା ଏହାର ବର୍ଦ୍ଧିତ ଯୋଗାଣ ଚେନ ସହିତ ପ୍ରସ୍ତୁତି ଏବଂ ଆକର୍ଷଣୀୟ ଅଫରକୁ ନେଇ ଏହା ପ୍ରତ୍ୟେକ ଉତ୍ସବର ଆବଶ୍ୟକତାକୁ ପରିପୂରଣ କରିବାକୁ ଯାଉଛି। ସପ୍ସି ଏହି ଋତୁର ସପିଙ୍ଗ ପ୍ରଣାଳୀର ପ୍ରସ୍ତୁତିକୁ ଅଧିକ ଆକର୍ଷଣୀୟ, ଗ୍ରହଣୀୟ, ମନମତାଣୀଆ କରିବା ସହିତ ପୂର୍ବଠାରୁ ଅଧିକ ଅନ୍ତର୍ଭୁକ୍ତିକରଣ ରଖିଛି।




କପିଲ ଥିରାନୀ, ବିଜିନେସ ହେଡ୍, ସପ୍ସି ଏବଂ ଫ୍ଲିପକାର୍ଟ ମାର୍କେଟପ୍ଲେସ, ଫ୍ଲିପକାର୍ଟ, ମତବ୍ୟକ୍ତ କରି କହିଛନ୍ତି, "ପର୍ବର ଋତୁ ଯେହେତୁ ବର୍ତ୍ତମାନ ପ୍ରତ୍ୟେକ କୋଣ ଅନୁକୋଣ ସହିତ ଆସିଯାଇଛି ଗ୍ରାଣ୍ଡ ସପ୍ସି ମେଳା ଏ ଦିଗରେ ଏକ ପ୍ରମୁଖ ମୂଲ୍ୟ ଅଗ୍ରଣୀ ସପିଙ୍ଗ ସକ୍ଷମକାରୀତାର ପ୍ରମୁଖ ଭାବରେ ବ୍ୟବସ୍ଥିତ ରୂପରେ ଭାରତକୁ ପ୍ରସ୍ତୁତ କରିବାକୁ ଯାଉଛି। ମହକଭରା ଅତୁଳନୀୟ ସକ୍ଷମକାରୀ ବର୍ଦ୍ଧିତ ଚୟନକାରୀତାର ଡ଼ିଜାଇନକୁ ନେଇ ଜିଏସଏମ ପ୍ରତ୍ୟେକ ପରିବାରକୁ କୌଣସି ବୁଝାମଣା ନ କରି ଏକ ବିକ୍ରୟ କ୍ଷମତା ମଉ ପ୍ରଦାନ କରିବାରେ ସାହାଯ୍ୟ କରିବା ସହିତ ମିଲିୟନରୁ ଅଧିକ ଗ୍ରାହକଙ୍କୁ ଏଥିରେ ପହ??ିବାର ସୁଯୋଗ ପ୍ରଦାନ କରୁଅଛି ଯାହାକି ୨, ୩ ଏବଂ ୪ ଶ୍ରେଣୀର ସହର ମାନଙ୍କରେ ଉପଲବ୍ଧ ହେବ। ଆମେ ଦୃଢ଼ ନିଶ୍ଚିତ ଚଳିତ ସଂସ୍କରଣ ଆସନ୍ତା ପର୍ବାଣୀର ସପିଙ୍ଗକୁ ନେଇ ପ୍ରକୃତରେ ଏକ ମୂଲ୍ୟଯୁକ୍ତ ପରିଚାଳନାକୁ ଆଗେଇ ନେବା ସହିତ ସମସ୍ତଙ୍କ ମଧ୍ୟରେ ଖୁସି ଆନନ୍ଦର ଲହରୀ ଖେଳାଇ ପାରିବ।"

# ଆବ୍ରିଲ ପେପର୍ ଟେକ୍ ଲିମିଟେଡ ପବ୍ଲିକ ଇସ୍ୟୁରୁ ୧୩.୪୨ କୋଟି ଟଙ୍କା ସଂଗ୍ରହ ଯୋଜନା କରୁଛି; ଆଇପିଓ ୨୯ରୁ ଉନ୍ମୁକ୍ତ

ସୁରଟ,୩୧।୮: ସବ୍‌ଲାଇମେସନ ହିଟ୍ ଟ୍ରାନ୍ସଫର ପେପର୍‌ର ଏକ ଅଗ୍ରଣୀ ଉତ୍ପାଦନକାରୀ ଓ ଯୋଗାଣକାରୀ ସୁରଟସ୍ଥିତ ଆବ୍ରିଲ ପେପର ଟେକ୍ ଲିମିଟେଡ ତାହାର ଏସଏମଇ ପବ୍ଲିକ ଇସ୍ୟୁରୁ ୧୩.୪୨ କୋଟି ଟଙ୍କା ସଂଗ୍ରହ ନିମନ୍ତେ ଯୋଜନା କରୁଛି। କମ୍ପାନୀ ବମ୍ବେ ଷ୍ଟକ ଏକ୍ସଚେଞ୍ଜର ଏସଏମଇ ପ୍ଲାଟଫର୍ମରେ ତାହାର ପବ୍ଲିକ ଇସ୍ୟୁ ଶୁଭାରମ୍ଭ କରିବା ନିମନ୍ତେ ଅନୁମୋଦନ ହାସଲ କରିଛି। ସବ୍‌ସ୍କ୍ରିପ୍‌ସନ ନିମନ୍ତେ ପବ୍ଲିକ ଇସ୍ୟୁ ୨୦୨୫ ଅଗଷ୍ଟ ୨୯ରେ ଉନ୍ମୁକ୍ତ ହେଉଛି ଏବଂ ୨୦୨୫ ସେପ୍ଟେମ୍ବର ୨ ତାରିଖରେ ବନ୍ଦ ହେବ। ଇଣ୍ଟରଆକ୍ଟିଭ ଫାଇନାନ୍‌ସିଆଲ ସର୍ଭିସେସ୍ ଲିମିଟେଡ ଇସ୍ୟୁର ବୁକ୍ ରନିଂ ଲିଡ ମ୍ୟାନେଜର ରହିଛି।

ପ୍ରିନ୍ସ ଲାଠିୟାର, ବିପୁଲ ଦୋବାରିଆ ଏବଂ ଆଶିଶ୍ୱିନ ଲାଠିୟାଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ପରିଚାଳିତ ଏହି କମ୍ପାନୀର ସବ୍‌ଲାଇମେସନ ଓ ହିଟ୍ ଟ୍ରାନ୍ସଫର ପେପର୍ ସମାଧାନ କ୍ଷେତ୍ରରେ ଶିଳ୍ପରେ ୮ ବର୍ଷର ବିଶେଷ ଅଭିଜ୍ଞତା ରହିଛି।

ସମ୍ପ୍ରତି ଆବ୍ରିଲ ସୁରଟରେ ବାର୍ଷି;କ ୬୦୦ ଲକ୍ଷ ମିଟର ସ୍ଥାପିତ କ୍ଷମତା ବିଶିଷ୍ଟ ଏକ ଉତ୍ପାଦନକାରୀ ଏବଂ ପଣ୍ୟାଗାର ସୁବିଧା ପରିଚାଳନା କରୁଛି। ସମ୍ପ୍ରସାରଣ ପରବର୍ତ୍ତୀ ସମୟରେ ଏହା ଡିଜିଟାଲ ସମାଧାନଗୁଡିକ ନିମନ୍ତେ ଉଚ୍ଚ ଗୁଣାତ୍ମକ ମାନର ସବ୍‌ଲାଇମେସନ ପେପର ପାଇଁ ଉନ୍ନତ ପ୍ରଯୁକ୍ତିରେ ସୁସଜ୍ଜିତ ହେବା ସହିତ ଏହି କ୍ଷମତା ବାର୍ଷିକ ୧,୪୫୦ ଲକ୍ଷ ମିଟରକୁ ବୃଦ୍ଧିପାଇବ।

କମ୍ପାନୀ ୩୦, ୬୫, ୭୫ ଏବଂ ୯୦ ଆଦି ବହୁଧା ଜିଏସଏମ୍ ବିଭାଗରେ ସବ୍‌ଲାଇମେସନ ହିଟ୍ ଟ୍ରାନ୍ସଫର ପେପର୍ କ୍ଷେତ୍ରରେ ବିଶେଷ ଅଭିଜ୍ଞତା ହାସଲ କରିଛି, ଯାହା ମୁଦ୍ରଣ, ପୋଷାକ, ବୟନଶିଳ୍ପ, ହୋସିଏରୀ, କର୍ଟେନ ଏବଂ ଫର୍ଣ୍ଣିଚର ଶିଳ୍ପରେ ବିବିଧ ଉଦ୍ଦେଶ୍ୟରେ ପ୍ରୟୋଗ ଆବଶ୍ୟକତା ପୂରଣ କରୁଛି। ଏଥିସହିତ ଆବ୍ରିଲ୍ ହିଟ୍ ଟ୍ରାନ୍ସଫର ପେପର, ସ୍ପେଶାଲାଇଜଡ୍ ଫ୍ରେମ ଏବଂ ପିପି ସିଟ୍ ଆଦି ଉତ୍ପାଦନ ନିମନ୍ତେ କାରଖାନା ସ୍ଥାପନ ଦ୍ୱାରା ସମସ୍ତ ଆନୁଷଙ୍ଗିକ କ୍ଷେତ୍ରକୁ ସଂଯୁକ୍ତ କରିବା ଯୋଜନା କରିଛି, ଯେଉଁଥିରେ ରପ୍ତାନି ବଜାର ଉପରେ ଦୃଢ ଭାବରେ ଦୃଷ୍ଟିନିବଦ୍ଧ କରାଯାଉଛି।

ଭାରତର ୧୭ଟି ରାଜ୍ୟରେ ଏହାର ମଜଭୁତ ବି୨ବି ଉପସ୍ଥିତି ସହିତ କେକ୍, ଏଫଏମସିଜି ପ୍ୟାକେଜିଂ ଏବଂ ରେଡିମେଡ ପୋଷାକ ନିମନ୍ତେ ଅଧିକ ଲାଭପ୍ରଦ ସୁଯୋଗର ଫାଇଦା ଉଠାଇବାକୁ ଆବ୍ରିଲ ଏହାର ବି୨ସି ଉପସ୍ଥିତିକୁ ଅନ୍‌ଲାଇନ ଏବଂ ଡିଲର ନେଟୱର୍କ ଜରିଆରେ ସୁଦୃଢ କରିବା ଯୋଜନା କରୁଛି।

ଆଇପିଓ ସମ୍ପର୍କରେ ଉଲ୍ଲେଖ କରି ଶ୍ରୀ ପ୍ରିନ୍ସ ଲାଠିୟା, ନନ୍-ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର, ଆବ୍ରିଲ ପେପର ଟେକ୍ ଲିମିଟେଡ କହିଥିଲେ, "ଆମ ଅଭିବୃଦ୍ଧି ଯାତ୍ରାରେ ଆଇପିଓ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହୋଇଛି। ସବ୍‌ଲାଇମେସନ ଏବଂ ହିଟ୍ ଟ୍ରାନ୍ସଫର ପେପର ଶିଳ୍ପରେ ଆମେ ଏକ ମଜଭୁତ ମୂଳଦୁଆ ସ୍ଥାପନ କରିଛୁ ଏବଂ ସାନି ପାଣ୍ଠି ସଂଗ୍ରହ ଆମକୁ କ୍ଷମତା ସମ୍ପ୍ରସାରଣ, ପ୍ରଯୁକ୍ତିରେ ଉନ୍ନତି ସାଧନ ଏବଂ ଆମର ବଜାର ଉପସ୍ଥିତିକୁ ସୁଦୃଢ କରିବାରେ ସମର୍ଥ କରାଇବ। ଉଚ୍ଚ ଗୁଣାତ୍ମକ ମାନର ମୁଦ୍ରଣ ସମାଧାନ କ୍ଷେତ୍ରରେ ଏକ ବିଶ୍ୱସନୀୟ ନାମ ଭାବରେ ପ୍ରତିଷ୍ଠିତ ହେବା ଏବଂ ଆମର ସହଭାଗୀମାନଙ୍କୁ ନିରନ୍ତର ମୂଲ୍ୟ ଯୋଗାଇବା ଆମର ଲକ୍ଷ୍ୟ ହୋଇଛି।"

ଏହି ଇସ୍ୟୁରୁ ବହୁବିଧ ଉଦ୍ଦେଶ୍ୟ ନିମନ୍ତେ ପାଣ୍ଠି ସଂଗ୍ରହ ଲକ୍ଷ୍ୟ ରଖାଯାଇଛି। ୫.୪୦ କୋଟି ଟଙ୍କାକୁ ଅଧିକ ୨ଟି ପୂର୍ଣ୍ଣ ସ୍ୱୟଂଚାଳିତ ସବ୍‌ଲାଇମେସନ ପେପର କୋଟିଂ ଏବଂ ସ୍ଲିଟିଂ ମେସିନ ନିମନ୍ତେ ଉପଯୋଗ କରାଯିବ। ୫.୦୦ କୋଟି ଟଙ୍କା କାର୍ଯ୍ୟକାରୀ ମୂଳଧନ ଆବଶ୍ୟକତା ପୂରଣ ନିମନ୍ତେ ଏବଂ ୨.୦୧ କୋଟି ଟଙ୍କା ସାଧାରଣ କମ୍ପାନୀ ପରିଚାଳନା ଉଦ୍ଦେଶ୍ୟରେ ବ୍ୟବହାର କରାଯିବାକୁ ରହିଥିବାବେଳେ ୧.୦୧ କୋଟି ଟଙ୍କା ଆଇପିଓ ବାବଦ ଖର୍ଚ୍ଚ ନିମନ୍ତେ ଉପଯୋଗ କରାଯିବ। ୧୩.୪୨ କୋଟି ଟଙ୍କାର ଇନିସିଆଲ୍ ପବ୍ଲିକ ଅଫରିଂରେ ପ୍ରତ୍ୟେକ ୧୦ ଟଙ୍କା ଫେସ୍ ଭାଲ୍ୟୁ ବିଶିଷ୍ଟ ସାନି ୨୨,୦୦,୦୦୦ ସେୟାର ଇସ୍ୟୁ ରହିଛି। କମ୍ପାନୀ ପବ୍ଲିକ ଇସ୍ୟୁ ନିମନ୍ତେ ଇକ୍ୱିଟି ସେୟାର ପିଛା ୬୧ ଟଙ୍କା ରଖିଛି। ମାର୍କେଟ ମେକରଙ୍କ ନିମନ୍ତେ ୧,୧୨,୦୦୦ ସେୟାର ଏବଂ ପବ୍ଲିକ ଅଫରିଂ ନିମନ୍ତେ ୨୦,୮୮,୦୦୦ ସେୟାର ରଖାଯାଇଛି। ଲଟ୍ ଆକାର ୨୦୦୦ ରହିଛି ଏବଂ ରିଟେଲ ନିବେଶକଙ୍କ ନିମନ୍ତେ ଲଟ୍ ଆକାର ୨ଟି ଲଟ୍ (୪୦୦୦ ସେୟାର) ରଖାଯାଇଛି। ଏଚଏନ୍‌ଆଇଙ୍କ ନିମନ୍ତେ ନିବେଶ ପାଇଁ ସର୍ବନିମ୍ନ ୩ ଲଟ୍ (୬୦୦୦ ସେୟାର) ରଖାଯାଇଛି ଯାହାର ପରିମାଣ ୩,୬୬,୦୦୦ ଟଙ୍କା। ଇସ୍ୟୁ ପରବର୍ତ୍ତୀ ସମୟରେ ସେୟାର ହୋଲ୍‌ଡିଂ ୭୯,୮୧,୮୪୦ ସେୟାର ହେବ, ଯାହା ଆଜିସୁଦ୍ଧା ୫୭,୮୧,୮୪୦ ରହିଛି।

# କୋଦଳାରେ ସ୍ୱାୟତ୍ତ ଶାସନ ଦିବସ ପାଳିତ

ବ୍ରହ୍ମପୁର, ୩୧/୮ (ନି.ପ୍ର) : ୩୧ ଅଗଷ୍ଟ ସାରା ଭାରତ ବର୍ଷ ରେ ଗଣତନ୍ତ୍ର ର ମହାପର୍ବ ନିଖିଳ ଉତ୍କଳ ସ୍ୱାୟତ୍ତ ସାସନ ଦିବସ ପାଳନ ହେଉଥିବା ବେଳେ ପ୍ରତ୍ୟକ ବର୍ଷ ଭଳି ଚଳିତ ବର୍ଷ ମଧ ଗଞ୍ଜାମ ଜିଲ୍ଲା କୋଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଠାରେ ମହା ଆଡମ୍ବର ସହକାରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି । ପୂର୍ବ କାର୍ଯ୍ୟ ନିର୍ଘଣ୍ଟ ଅନୁଯାଇ ଏହି କାର୍ଯ୍ୟକ୍ରମ ରେ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ କୃଷ୍ଣ ଚନ୍ଦ୍ର ପଣ୍ଡା, ଅଧକ୍ଷ୍ୟ ସୂର୍ଯ୍ୟ ନାରାୟଣ ନାୟକ, ଉପାଧକ୍ଷ୍ୟା ରଞ୍ଜିତା ସେଠୀ ଓ କାଉନସିଲର ଙ୍କ ଉପସ୍ଥିତି ରେ ମୁଖ୍ୟ ଅତିଥି ଭାବେ ଆସ୍କା ସମ୍ମାନନୀୟା ସାଂସଦ ଶ୍ରୀମତୀ ଅନିତା ସୁଭଦର୍ଶିନୀ ଏବଂ କବିସୂର୍ଯ୍ୟନଗର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ନାୟକ ଯୋଗଦେଇ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରି ସକାଳ ୦୮.୩୦ ମିନଟ ସମୟ ରେ ଏନଏସି କାର୍ଯ୍ୟାଳୟ ପରିସର ରେ ପତାକା ଉତ୍ତୋଳନ କରି ସ୍ୱାୟତ୍ତ ଶାସନ ଦିବସ ଉପରେ ନିଜ ନିଜର ମନ୍ତବ୍ୟ ରଖିଥିଲେ । ପରେ ପରେ ଏନଏସି କାର୍ଯ୍ୟାଳୟ ଆଗରେ ଆୟୋଜିତ ଏକ ସାଧାରଣ ସଭାରେ ଯୋଗଦେଇ ଜନ ସାଧାରଣ ଙ୍କୁ ସମ୍ବୋଧିତ କରିଥିଲେ । ତତ ସହିତ ବିଭିନ୍ନ ବିଦ୍ୟାଳୟ / ମହାବିଦ୍ୟାଳୟ, ରେ ହୋଇଥିବା ପ୍ରତିଯୋଗୀତା ରେ ଅଂଶ ଗ୍ରହଣ କରି କୃତକାର୍ଯ୍ୟ ହୋଇଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହିତ, ସଫେଇ ସୁପର ଭାଇଜର, ସ୍ୱଚ୍ଛସାଥି, ସଫେଇ ମିତ୍ର ଏବଂ ସମସ୍ତ ସଫେଇ କର୍ମଚାରୀଙ୍କୁ ପୋଷାକ ବିତରଣ କରାଯାଇଥିଲା । ଏହି ଅବସର ରେ ଯୋଗ୍ୟ ବିବେଚିତ ପରିବାର କୁ ନୂତନ ରାସନ କାର୍ଡ, ଭତ୍ତା, ଓ ଆବାସ ଘର ଯୋଜନା ର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ ଏବଂ କିଛି କୃଷକଙ୍କୁ ମାନ ପତ୍ର ଦେଇ ସମ୍ମାନିତ କରିବା ସହିତ ଶ୍ରୀ ଶ୍ରୀ ବାବା ଦଣ୍ଡିଶ୍ୱର ମନ୍ଦିର ପାର୍ଶ୍ୱ ରେ ନିର୍ମାଣ ହୋଇଥିବା ସ୍ମାର୍ଟ ପାର୍କ କୁ ଉଦଘାଟନ କରି ଲୋକାର୍ପିତ କରାଯାଇଥିଲା । ଆଜିର ଏହି କାର୍ଯ୍ୟକ୍ରମ ରେ ଏନଏସି ର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।



# ସେସା ଗୋଆ ୮୦୦୦ରୁ ଅଧିକ କ୍ରୀଡା ଭବିଷ୍ୟତକୁ ଶକ୍ତି ପ୍ରଦାନ କରୁଛି

ଭୁବନେଶ୍ୱର,୩୧।୮ (ନି.ପ୍ର) : ଜାତୀୟ କ୍ରୀଡା ଦିବସରେ ତିନିଥର ଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ଏବଂ ହକି ମାଏଷ୍ଟ୍ରୋ ସ୍ୱର୍ଗତ ମେଜର (ଅବସରପ୍ରାପ୍ତ) ଧ୍ୟାନ ଚାନ୍ଦଙ୍କ ଐତିହ୍ୟକୁ ସମ୍ମାନିତ କରି ଚଳିତ ବର୍ଷର ବିଷୟବସ୍ତୁ "ଶାନ୍ତିପୂର୍ଣ୍ଣ ସମାଜକୁ ପ୍ରୋତ୍ସାହିତ କରିବା ପାଇଁ କ୍ରୀଡା" ଧାରଣାକୁ ଆହୁରି ଆଗକୁ ବଢାଇବା ପାଇଁ ସେସା ଗୋଆ କ୍ରୀଡାବିତ୍‌ଙ୍କ ପ୍ରୟାସକୁ ସ୍ୱୀକୃତି ଦେବା ଏବଂ ସାମଗ୍ରିକ ସମର୍ଥନ ସହିତ ସେମାନଙ୍କ ପ୍ରଗତି ପାଇଁ ପ୍ରତଶ୍ରୁତିବଦ୍ଧ। ସେସା ଗୋଆ ନିଜର ବ୍ୟବସାୟିକ ସ୍ଥାନଗୁଡ଼ିକରେ ସାତ ଦଶନ୍ଧିରୁ ଅଧିକ ସମୟ ଧରି କ୍ରୀଡାକୁ ସମର୍ଥନ ପ୍ରଦାନ କରିଆସୁଛି। ୧୯୫୪ ରୁ ୧୯୯୧-୯୨ ମଧ୍ୟରେ ଏହା ସେସା ସ୍ପୋର୍ଟସ୍ କ୍ଲବ ମାଧ୍ୟମରେ ଫୁଟବଲକୁ ପ୍ରୋତ୍ସାହିତ କରିଥିଲା ଏବଂ ତା'ପରେ ୧୯୯୯ ରେ ସାନକ୍ଲିମ୍ ରିକ୍ଲେମ୍‌ଡ୍ ମାଇନ୍ସ (ଏସଆରଏମ)ରେ ସେସା ଫୁଟବଲ୍ ଏକାଡେମୀ ପ୍ରତିଷ୍ଠା କରିଥିଲା। ଏସଏଫଏ ଏହାର ୨୬ ବର୍ଷ ସ୍ଥାପନାରେ, ଏକାଡେମୀ ଗଠନ, ଫୁଟବଲ୍ ଶିବିର, ବୃତିଗତ ଫୁଟବଲ୍ ଦଳ ଏବଂ ଏହା ଦ୍ୱାରା ଆୟୋଜିତ ଟୁର୍ନାମେଂଟଗୁଡ଼ିକ ମାଧ୍ୟମରେ ୮୦୦୦ ରୁ ଅଧିକ ଯୁବବର୍ଗଙ୍କ ଫୁଟବଲ୍ ଆକାଂକ୍ଷାକୁ ପୋଷଣ କରିଛି। ଏହାର ବରିଷ୍ଠ ପୁରୁଷ ଦଳ ୨୦୨୩-୨୪ ରେ ଗୋଆ ପ୍ରୋ ଲିଗରେ ରନର୍ସ ଅପ୍ ହୋଇଥିଲା ଏବଂ ପ୍ରତିଷ୍ଠିତ ଓ-ଲିଗରେ ଖେଳିଥିଲା। ଏସଏଫଏର ମୋଟ ୧୨ ଖେଳାଳିମାନେ ଆନ୍ତର୍ଜାତୀୟ ସ୍ତରରେ ଭାରତକୁ ପ୍ରତିନିଧିତ୍ୱ କରିଛନ୍ତି, ଡେନଜିଲ୍ ଫ୍ରାଙ୍କୋ, ଆଦିଲ୍ ଖାନ, ପ୍ରତେଶ ଶିରୋଧକର, ଗ୍ଲାନ୍ ମାର୍ଟିନ୍ସ ପ୍ରମୁଖ ନାମ।



# ଆଜିଠୁ ରାଜ୍ୟରେ 'ସଙ୍ଗଠନ ସୃଜନ ଅଭିଯାନ' ପ୍ରକ୍ରିୟା ଆରମ୍ଭ
# ଦୁଇଜଣ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଓଡ଼ିଶାରେ ପହଞ୍ଚିଲେ

ଭୁବନେଶ୍ୱର,୩୧।୮ (ନି.ପ୍ର) : 'ସଙ୍ଗଠନ ସୃଜନ ଅଭିଯାନ' ରେ ରାଜ୍ୟରେ ସମସ୍ତ ସାଙ୍ଗଠନିକ ଜିଲ୍ଲା କଂଗ୍ରେସ ସଭାପତି ଚୟନ ନେଇ ଏଆଇସିସି ପକ୍ଷରୁ ନିଯୁକ୍ତ ଦୁଇଜଣ ପର୍ଯ୍ୟବେକ୍ଷକ ଆଜି ଓଡିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଂଚିଛନ୍ତି। ବାଲେଶ୍ୱର ଓ କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ଚୟନ ନେଇ ଏଆଇସିସି ପର୍ଯ୍ୟବେକ୍ଷକ ଯଥାକ୍ରମେ ସାଂସଦ ଶ୍ରେୟାଶ ଏମ୍ ପଟେଲ ଓ ଏଆଇସିସି ସମ୍ପାଦକ ଗୋପୀନାଥ ପାଲାନୀୟାପନ୍ ଆଜି ଓଡିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଂଚିଛନ୍ତି।

ସେମାନଙ୍କୁ ଭୁବନେଶ୍ୱର ବିମାନବନ୍ଦରରେ ଉଚ୍ଛ୍ୱସିତ ସ୍ୱାଗତ ଜଣାଇବା ସହ ଉକ୍ତ ଜିଲ୍ଲାରେ କିପରି ସଭାପତି ଚୟନ ପ୍ରକ୍ରିୟା ସୁରୁଖୁରୁରେ ହୋଇପାରିବ ସେଥିନେଇ ନିଯୁକ୍ତ ପିସିସି ପର୍ଯ୍ୟବେକ୍ଷକ ମାନେ ଦୃଷ୍ଟି ଦେବାକୁ ପିସିସି ସଭାପତି ଭକ୍ତ ଚରଣ ଦାସ ଅନୁରୋଧ କରିଛନ୍ତି। ଆସନ୍ତା କାଲିଠାରୁ ସେମାନେ ସଂପୃକ୍ତ ଜିଲ୍ଲା ଗସ୍ତ କରି ତୃଣମୂଳ ସ୍ତରର କଂଗ୍ରେସ କର୍ମୀଙ୍କଠୁଁ ଆରମ୍ଭ କରି ବରିଷ୍ଠ ନେତୃବୃନ୍ଦ ଏବଂ ବିଭିନ୍ନ ଜିଲ୍ଲା ପଦାଧିକାରୀଙ୍କ ସହ ତୃଣମୂଳ ସଂଗଠକକୁ ନେଇ ଆଲୋଚନା କରିବେ। ଜିଲ୍ଲା ସଭାପତି ଚୟନ ନେଇ ଏସଟି, ଏସସି, ଓବିସି, ମହିଳା, ଯୁବ ଏହିପରି ସମସ୍ତ ବର୍ଗରୁ ୬ ଜଣଙ୍କ ନାମ ଯେପରି ରହିବ ସେମାନେ ସ୍ୱତନ୍ତ୍ର ଦୃଷ୍ଟି ଦେବେ ଏବଂ ସୁପାରିଶ କରିବେ। ଏଆଇସିସି ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ଏକ ଗ୍ରାଉଣ୍ଡ ରିପୋର୍ଟ ଏଆଇସିସିରେ ଦାଖଲ କରାଯିବା ପରେ ଜିଲ୍ଲା ଓ୍ୱାରି ଜଣଙ୍କୁ ଦିଶିଶି ସଭାପତି ଭାବେ ଚୟନ କରାଯିବ। ଏହି ପ୍ରକ୍ରିୟା ଆସନ୍ତା ୧୪ ତାରିଖ ମଧ୍ୟରେ ସରିବ ବୋଲି ପିସିସି ସଭାପତି ଶ୍ରୀ ଦାସ ସୂଚନା ପ୍ରଦାନ କରିଛନ୍ତି।

ଆସନ୍ତା କାଲି ମଧ୍ୟ ଆଉ କିଛି ଜଣ ପର୍ଯ୍ୟବେକ୍ଷକ ଓଡ଼ିଶା ଗସ୍ତରେ ଆସି ପହଞ୍ଚିବେ ବୋଲି ପିସିସି ଗଣମାଧ୍ୟମ ବିଭାଗ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ପ୍ରଦାନ କରାଯାଇଛି।

# ପାରାଦୀପ ପୌରପାଳିକା ପକ୍ଷରୁ ମହା ସମାରୋହରେ ସ୍ୱାୟତ୍ତ ଶାସନ ଦିବସ ପାଳିତ
# ଶିଳ୍ପମନ୍ତ୍ରୀଙ୍କ ଦ୍ୱାରା ପ୍ରେସ ଗ୍ୟାଲେରୀ ସମେତ ବହୁ ପ୍ରକଳ୍ପ ଉଦଘାଟିତ

ପାରାଦୀପ,୩୧।୮ (ନି.ପ୍ର) : ପାରାଦୀପ ପୌରପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ଅଗଷ୍ଟ ୩୧ ତାରିଖ ରବିବାର ଦିନ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ପୌରାଞ୍ଚଳର ବିଭିନ୍ନ ଓ୍ୱାର୍ଡରେ ନୂତନ ପ୍ରକଳ୍ପ ର ଉଦଘାଟନ ଓ ଶିଳାନ୍ୟାସ କରିଥିଲେ ରାଜ୍ୟ ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ । ବିଭିନ୍ନ ଓ୍ୱାର୍ଡରେ ନୂତନ ରାସ୍ତା, ଡ୍ରେନ, ଉଦ୍ୟାନ ଓ ଖୋଲା ସ୍ଥାନର ସୌନ୍ଦର୍ଯ୍ୟକରଣ, ମଠ,ମନ୍ଦିର ଓ ଆଶ୍ରମର ଉନ୍ନତିକରଣ,ଗୋଷ୍ଠିଗୃହ, ଶୌଚାଳୟ, ଖେଳପଡ଼ିଆ ର ଉନ୍ନତିକରଣ, ମାର୍କେଟ ଅଞ୍ଚଳର ଉନ୍ନତିକରଣ, ପୌର କାର୍ଯ୍ୟାଳୟରେ ଆପ ର ନିରୀକ୍ଷଣ କକ୍ଷ, ଭାଗବତ ଗୃହ, ସମିତି ଗୃହ ଇତ୍ୟାଦି ଉଦଘାଟିତ ହୋଇଥିବା ବେଳେ ରଙ୍ଗିଆଗଡ଼ ସ୍ଥିତ ପରାଶର ଗୋଶାଳା, ରତ୍ନମାଳି ଜେମା ନଗର ଓ ପିପିଏଲ ଛକରେ ବିଦ୍ୟୁତକରଣ ଏବଂ ଦୁଇଟି ଶୌଚାଳୟ, ୧୩ ନମ୍ବର ଓ୍ୱାର୍ଡ ହାଉସିଂବୋର୍ଡ କଲୋନୀ ନାଗରିକ କଲ୍ୟାଣ ସମିତି ଗୃହ ଏବଂ ୧୭ ନମ୍ବର ଓ୍ୱାର୍ଡରେ ଗୋଷ୍ଠି ଶୌଚାଳୟ ନିର୍ମାଣର ଶିଳାନ୍ୟାସ କରାଯାଇଥିଲା । ତେବେ ବଡ଼ପଡ଼ିଆ ଥାନା ନିକଟସ୍ଥ ପ୍ରେସ ଛକ ଠାରେ ନିର୍ମିତ ବହୁ ପ୍ରତିକ୍ଷିତ ପ୍ରେସ ଗ୍ୟାଲେରୀ କୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଉଦଘାଟନ କରିଥିଲେ । ଏହି ଅବସରରେ




ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ପାରିଷଦ ସୌଦାମିନୀ ସାହୁ, କାର୍ଯ୍ୟରତ ସାମ୍ବାଦିକ ଶଶାଙ୍କ ଆଚାର୍ଯ୍ୟ, ନାରଣ ବେହେରା, ଆଲୋକ ମହାପାତ୍ର,ପ୍ରଶାନ୍ତ ସ୍ୱାଇଁ,ବିନୟ ରାୟ, ବଟକୃଷ୍ଣ ଦାସ,ବିରଜା ତ୍ରିପାଠୀ,ସଂଗ୍ରାମ ରାଉତ,ସଦାନନ୍ଦ ବେହେରା, ପ୍ରଭାତ ଦାସ, ସଞ୍ଜୟ ସେନାପତି,ପ୍ରଭାତ ମହାପାତ୍ର,ପୁରୁଷୋତମ ଶତପଥୀ ଙ୍କ ସମେତ ବହୁ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ । ତେବେ ଏହି ପ୍ରେସ ଗ୍ୟାଲେରୀରେ ବର୍ଷା ଦିନେ ଦୈନିକ ସକାଳେ ଖବରକାଗଜ ବିତରଣ କାର୍ଯ୍ୟ ସହଜସାଧ ହେବା ସହ ସାମ୍ବାଦିକ ମାନେ ଏଠାରେ ବସି ଖବରକାଗଜ ପଢ଼ିପାରିବେ । ଅନ୍ୟ ସମୟରେ ବର୍ଷା ସମୟରେ ନିରାଶ୍ରୟ ପଥିକମାନେ ଏଠାରେ ଆଶ୍ରୟ ନେଇପାରିବେ ଏବଂ ପୌରପାଳିକାର ଏହି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଉଛି ।

ଦିନତମାମ କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟ ସନ୍ଧ୍ୟାରେ ସ୍ଥାନୀୟ ଜୟଦେବ ସଦନ ପରିସରରେ ସ୍ୱାୟତ୍ତ ଶାସନ ଦିବସ ଉତ୍ସବ ଓ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା । ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜଗତସିଂହପୁର ସାଂସଦ ଡ଼ଃ.ବିଭୂପ୍ରସାଦ ତରାଇ ମୁଖ୍ୟ ବକ୍ତା ଭାବେ ଏବଂ ସମ୍ମାନିତ ଅତିଥି ଭାବେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଏବଂ ସିଆଇଏସଏଫ କମାଣ୍ଡାଣ୍ଟ ସନତ ପଟେଲ ଯୋଗ ଦେଇଥିଲେ ।

ଏହି ଅବସରରେ ଅତିଥିମାନେ ପାରାଦୀପ ପୌରପାଳିକା ଦ୍ୱାରା ଜନସାଧାରଣଙ୍କୁ ମିଳୁଥିବା ମୌଳିକ ସୁବିଧା, ବସ୍ତିବାସିନ୍ଦାଙ୍କ ବିକାଶ ତଥା ମହିଳା ସଶକ୍ତିକରଣ ଓ ସ୍ୱାୟତ୍ତ ଶାସନ ଦିବସର ମହତ୍ୱ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରି ପୌରାଞ୍ଚଳର ବିକାଶ କ୍ଷେତ୍ରରେ ପରାଧକ୍ଷ ଶ୍ରୀ ବିଶ୍ୱାଳଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ନିରବଚ୍ଛିନ୍ନ ପ୍ରାୟସକୁ ଉଚ୍ଚ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିତ୍ୱଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷରେ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାୟଗଡା ପୌର ପରିଷଦ ସ୍ଥିତ ଅଡିଟୋରିୟମ ଠାରେ "ସ୍ୱାୟତ୍ତ ଶାସନ ଦିବସ -୨୦୨୫" ମହା ସମାରୋହରେ ପାଳିତ

ରାୟଗଡା,୩୧।୮ (ନି.ପ୍ର) : ପୌର ପରିଷଦ ସ୍ଥିତ ଅଡିଟୋରିୟମ ଠାରେ "ସ୍ୱାୟତ୍ତ ଶାସନ ଦିବସ -୨୦୨୫" ଏକ ସମ୍ମାନନିୟ ପରିବେଶରେ ମୁଖ୍ୟ ଅତିଥି ତଥା ସମ୍ମାନୀୟ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ଶୁଭାରମ୍ଭ କରାଯାଇଥିଲା । ଓଡିଶା ସରକାରଙ୍କ ଗୃହ ଏବଂ ନଗର ଉନୟନ ବିଭାଗ ପତ୍ର ସଂଖ୍ୟା ୧୯୪୯୭ ତା ୧୯.୦୮.୨୦୨୫ କୁ ଭିତିକରି ଚଳିତ ବର୍ଷ ଏକ ସପ୍ତାହ ବ୍ୟାପୀ ଅର୍ଥାତ ଅଗଷ୍ଟ ମାସ ୨୫ ତାରିଖଠାରୁ ୩୧ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟାୟ କ୍ରମେ "ସ୍ୱାୟତ ଶାସନ ଦିବସ -୨୦୨୫" ପାଳନ କରାଯାଇଥିଲା । ଏହି ଏକ ସପ୍ତାହ ମଧ୍ୟରେ ସ୍ୱଚ୍ଛ ଭାରତ ମିଶନ ଅନ୍ତର୍ଗତ ବୃକ୍ଷ ରୋପଣ , ସଫେଇ ଶୋଭା ଯାତ୍ରା , "ଆଇନଗତ ସଫେଇ ସୁରକ୍ଷିତ ସଫେଇ" କାର୍ଯ୍ୟକ୍ରମ ଇତ୍ୟାଦି କରାଯାଇଥିଲା । ଏହା ସହିତ "ସ୍ୱାୟତ୍ତ ଶାସନ ଦିବସ -୨୦୨୫" ପରିପ୍ରେକ୍ଷୀରେ ପ୍ରତ୍ୟେକ ବର୍ଷ ଭଳି ପୌର ପରିଷଦ ଆନୁକୁଲ୍ୟରେ ପ୍ରବନ୍ଧ ପ୍ରତିଯୋଗୀତା , ଚିତ୍ରାଙ୍କନ ପ୍ରତିଯୋଗୀତା , ବକ୍ତୃତା ପ୍ରତିଯୋଗୀତା ଇତ୍ୟାଦିର ଆୟୋଜନ କରାଯାଇଥିଲା । ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଅଂଶଗ୍ରହଣ କରି ସେମାନଙ୍କର କୃତିତ୍ୱ ପ୍ରଦର୍ଶନ କରିବା ସହିତ ସମ୍ମାନ ପତ୍ର ପାଇଥିଲେ । ଆୟୋଜିତ ପ୍ରତିଯୋଗୀତା ଗୁଡିକରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ମାନଙ୍କୁ ମଞ୍ଚ ଉପରକୁ ଡକାଯାଇ ମୁଖ୍ୟ






ଅତିଥି ଏବଂ ସମ୍ମାନିତ ଅତିଥି ମାନଙ୍କ ଦ୍ୱାରା ପ୍ରମାଣ ପତ୍ର ଏବଂ ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିଭଳି ପରିଷଦରେ କାର୍ଯ୍ୟରତ ବରିଷ୍ଠ କର୍ମକର୍ତ୍ତା ମାନଙ୍କୁ ସମ୍ମାନ ପତ୍ର ପ୍ରଦାନ କରାଯାଇଥିଲା । ପରିଷଦର କର୍ମକର୍ତ୍ତା ମାନଙ୍କ ଉତ୍ସାହ ବୃଦ୍ଧି ନିମିନ୍ତ ସେମାନଙ୍କ ମଧ୍ୟରେ କ୍ରିକେଟ ମ୍ୟାଚ , ଭଲିବଲ ମ୍ୟାଚ , ମିଉଜିକାଲ ଚେୟାର , ଲେମନ ଚାମଚ ଇତ୍ୟାଦି ପ୍ରତିଯୋଗୀତା ମାନ ଆୟୋଜନ କରାଯାଇ ସେମାନଙ୍କୁ ପୁରସ୍କୃତ ଏବଂ ସମ୍ମାନିତ କରାଯାଇଥିଲା । ସେହିଭଳି ଓଡିଶା ଅର୍ବାନ ହାଉସିଂ ମିଶନ ପତ୍ର ସଂଖ୍ୟା ୧୨୦୪ ତା ୨୬.୦୮.୨୦୨୫ କୁ ଭିତିକରି ପରିଷଦର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ୨.୦ରେ ଗୃହିତ ହୋଇଥିବା ୩୦ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା । ଏହା ସହିତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭୁବନେଶ୍ୱରରୁ ଲାଇଭ ଟେଲିକାଷ୍ଟ ମାଧ୍ୟମରେ ୪୫ ଗୋଟି ପୌର ପରିଷଦରେ ନିର୍ମିତ ବହୁମୁଖୀ ଭବନ ଉଦଘାଟନ କରାଯାଇଥିଲା ସେଥିମଧ୍ୟରୁ ରାୟଗଡ ପୌର ପରିଷଦରେ ୩ ଗୋଟି ବହୁମୁଖୀ ଭବନ ଉଦଘାଟନ କରାଯାଇଅଛି । ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ କୁଳଦୀପ କୁମାର ଆଜିର ସମ୍ପୂର୍ଣ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସଂଚାଳନ କରିଥଲେ ।

ଏହି ସମାରୋହରେ ରାୟଗଡା ଜିଲ୍ଲାର ସମ୍ମାନୀୟ ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକର୍ଣ୍ଣୀ ମହୋଦୟ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । ଏଥିସହିତ ସମ୍ମାନୀୟ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଅକ୍ଷୟ କୁମାର ଖେମୁଣ୍ଡ, ଜିଲ୍ଲା ନଗର ଉନୟନ ସଂସ୍ଥା, ରାୟଗଡା, ସମ୍ମାନୀୟ ଅଧକ୍ଷ ଶ୍ରୀଯୁକ୍ତ ପି ମହେଶ ପଟନାୟକ , ରାୟଗଡା ପୌରପରିଷଦ , ଉପାଧକ୍ଷା ଶ୍ରୀମତୀ ଶୁଭ୍ରା ପଣ୍ଡା, ପରିଷଦର ସମସ୍ତ ପାରିଷଦ ବର୍ଗ , ଟିମ ଲିଡ ଡୁଡା, ସମସ୍ତ ପୌର କର୍ମଚାରୀ ତଥା ସାମାଜିକ ଗଣମାନ୍ୟ ବ୍ୟକ୍ତି ମାନେ ଉପସ୍ଥିତ ରହିଥିଲେ ।

# ବାଲିଯାତ୍ରା କଟକ ଉତ୍ସବ -୨୦୨୫ ପ୍ରସ୍ତୁତି ନିମନ୍ତେ ଜିଲ୍ଲା ପ୍ରଶାସନର ପ୍ରାଥମିକ ବୈଠକ

କଟକ,୩୧।୮: ବାଲିଯାତ୍ରା କଟକ ଉତ୍ସବ -୨୦୨୫ ଆୟୋଜନ ନିମନ୍ତେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଏକ ପ୍ରାଥମିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଐତିହାସିକ ବାଲିଯାତ୍ରାର ପ୍ରସ୍ତୁତି ନିମନ୍ତେ ଏହି ପ୍ରାକ-ପ୍ରସ୍ତୁତି ବୈଠକରେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରି ଆଲୋଚନାରେ ଭାଗନେଇଥିଲେ। ଚଳିତବର୍ଷ କଟକ ବାଲିଯାତ୍ରାକୁ ପୂର୍ବାପେକ୍ଷା ଅଧିକ ଆକର୍ଷଣୀୟ କରିବା ପାଇଁ ପ୍ରତ୍ୟେକ ବିଭାଗରେ ଉତ୍କର୍ଷତା ପ୍ରତିପାଦନ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଆରୋପ କରିଥିଲେ। ବାଲିଯାତ୍ରାର ଭିତ୍ତିଭୂମି ନିର୍ମାଣ, ପରିମଳ ବ୍ୟବସ୍ଥା, ଧୂଳି ନିୟନ୍ତ୍ରଣ ଆଦି କାର୍ଯ୍ୟକୁ ଅଧିକ ଉନ୍ନତ ମାନର କରିବା ସହ ପୂର୍ବାପେକ୍ଷା ଅଧିକ ଜନୋପଯୋଗୀ କରିବା ନିମନ୍ତେ ଗୁରୁତ୍ୱ ଦେବାକୁ ଆଲୋଚନା କରଯାଇଥିଲା। ବାଲିଯାତ୍ରା ପରିସରଭୁକ୍ତ ପଡିଆର ସମଗ୍ର ଅଞ୍ଚଳକୁ ଚଳଚଞ୍ଚଳ ବ୍ୟବହାର ସହ ଯାତ୍ରୀ ପରିବହନ ଓ ଯାନବାହନ ରଖିବା ବ୍ୟବସ୍ଥାକୁ ଅଧିକ ସୁବିଧାଜନକ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରଯାଇଥିଲା। ବାଲିଯାତ୍ରା କାର୍ଯ୍ୟକ୍ରମର ପ୍ରତ୍ୟେକ ବିଭାଗରେ ଜଣେ ବରିଷ୍ଠ ଅଧିକାରୀ ନୋଡାଲ ଅଧିକାରୀ ଭାବେ ଦାଇତ୍ୱ ବହନ କରିବେ। ବୈଷ୍ଣବ ପାଣି ଓ ଅକ୍ଷୟ ମହାନ୍ତି ଉଭୟ ମଞ୍ଚର ସାଂସ୍କୃତିକ କାର୍ଯ୍ୟକ୍ରମକୁ ପୂର୍ବାପେକ୍ଷା ଅଧିକ ଚିତ୍ତାକର୍ଷକ କରିବା, କଟକ-ଇନ-କଟକକୁ ଅଧିକ ଜନାଦୃତ କରିବା ପାଇଁ ସୁଚିନ୍ତିତ ଯୋଜନା ପ୍ରସ୍ତୁତି କରିବାକୁ ଜିଲ୍ଲାପାଳ ପରାମର୍ଶ ଦେବା ସହ ସୁରକ୍ଷା ପ୍ରମାଣପତ୍ର ମାନ ସୁନିଶ୍ଚିତ କରିବାକୁ କହିଥିଲେ। ବାଲିଯାତ୍ରା ସ୍ମରଣିକାକୁ ଅଧିକ ପାଠକାଦୃତ କରିବା ସହ ଏହାକୁ ଉଚିତ ସମୟରେ ପାଠକଙ୍କ ନିମନ୍ତେ ଉପଲବ୍ଧ କରାଇବା ପାଇଁ ସେ କହିଥିଲେ। ଉଠାଦୋକାନୀଙ୍କ ଠାରୁ ଆରମ୍ଭ କରି ସମସ୍ତବର୍ଗର ଭାଗୀଦାର ଏବଂ ଯାତ୍ରୀମାନଙ୍କ ନିମନ୍ତେ ସର୍ବୋପଯୋଗୀ ଯୋଜନାମାନ ପ୍ରସ୍ତୁତ କରି ଚଳିତ ବାଲିଯାତ୍ରାକୁ ସ୍ମରଣୀୟ କରିବା ନିମନ୍ତେ ସମସ୍ତେ କର୍ତ୍ତବ୍ୟନିଷ୍ଠଭାବେ କାର୍ଯ୍ୟକରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରଯାଇଥିଲା। ଆଜିର ଏହି ପ୍ରାଥମିକ ବୈଠକରେ କଟକ ମହାନଗର ନିଗମ ଆୟୁକ୍ତ ସୁଶ୍ରୀ କିରନଦିପ କୌର ସହୋତା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶିବ ଟପୋ, ଅତିରିକ୍ତ ଜିଲ୍ଲାପାଳ ଡଃ ଦିବ୍ୟଲୋଚନ ମହନ୍ତ, ଅତିରିକ୍ତ ଜିଲ୍ଲାପାଳ ଡଃ ଇପସିତା ପ୍ରିୟଦର୍ଶିନୀ ମିଶ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ପ୍ରଶାନ୍ତ କୁମାର ନାୟକ, ଆଠଗଡ ଉପଜିଲ୍ଲାପାଳ ଶ୍ରୀ ପ୍ରହ୍ଲାଦ ନାରାୟଣ ଶର୍ମା, ବାଙ୍କୀ ଉପଜିଲ୍ଲାପାଳ ଶ୍ରୀ ପ୍ରଣବ କୁମାର ବେହେରା, ସଚିବ କଟକ ଉନ୍ନୟନ କର୍ତ୍ତୃପକ୍ଷ ଶ୍ରୀ ଶ୍ୱେତ କୁମାର ଦାଶ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ନଳିନୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।




# ଗଞ୍ଜାମ ଏନଏସି ପକ୍ଷରୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ



ଗଞ୍ଜାମ, ୩୧।୮ (ନି.ପ୍ର) : ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି । ଏନଏସି ଅଧ୍ୟକ୍ଷା ପ୍ରତିଭା ପାଢ଼ୀ ଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ବ୍ରହ୍ମପୁର ସାଂସଦ ଡ଼ଃ. ପ୍ରଦୀପ କୁମାର ପାଣିଗ୍ରାହି ଯୋଗଦେଇ ଐତିହାସିକ ପୋତାଗଡ଼ ଦୁର୍ଗରେ କଲ୍ୟାଣ ମଣ୍ଡପ, ଦାମୋଦରପୁର ଗ୍ରାମରେ କଲ୍ୟାଣ ମଣ୍ଡପ ଓ ଆଦର୍ଶ ସ୍ମଶାନ ଘାଟ ଏବଂ ସହର ସ୍ଥିତ ବଡ଼ ବଜାର ଠାରେ ଯାତ୍ରୀ ବିଶ୍ରାମଗାର ଓ ଶୌଚାଳୟ ପ୍ରମୁଖ ପ୍ରକଳ୍ପ ଗୁଡିକର ଶୁଭ ଉଦଘାଟନ କରିଥିଲେ । ତତ ସହିତ ୨୦୨୬ ସୁଧା ରେଳ ପୋଲ ନିକଟରେ ଋଷିକୁଲ୍ୟା ସେତୁ ନିର୍ମାଣ

କରାଯିବା ନେଇ ପ୍ରତିଶୃତି ଦେଇଥିଲେ କ୍ଷ ସମ୍ମାନୀୟ ଅତିଥିଭାବେ ସ୍ଥାନୀୟ ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ପୂର୍ବତନ ବିଧାନସଭା ଉପ ବାଚସ୍ପତି ରାମଚାନ୍ଦ୍ର ପଣ୍ଡା ଯୋଗଦେଇଥିଲେ । କାର୍ଯ୍ୟ ନିର୍ବାହୀ ଅଧିକାରୀ ଅପର୍ଣା ଡାଙ୍ଗୁଆ ବିବରଣୀ ପଠନ କରିଥିଲେ । ଅଧାପକ ଲକ୍ଷ୍ମୀ ଚରଣ ପଣ୍ଡା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ନିର୍ଦ୍ଧାରିତ ସମୟର ତିନି ଘଣ୍ଟା ବିଳମ୍ବ ରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ, ଓ ବିଭିନ୍ନ କ୍ଷେତ୍ରରେ ପରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷଣକୁ ସମ୍ମାନିତ କରାଯାଇଥିଲା । ଶେଷରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀ ମାନଙ୍କୁ ନେଇ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଓ୍ୱାର୍ଡ ର ସମସ୍ତ କାଉନସିଲର ମଞ୍ଚସୀନ ରହିଥିବା ବେଳେ ଉପାଧକ୍ଷ ଓ ୧୨ ନମ୍ବର ଓ୍ୱାର୍ଡ କାଉନସିଲର ଅନୁପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମକୁ ସମସ୍ତ ଏନଏସି କର୍ମଚାରୀ ସୁପରିଚାଳନା କରିଥିଲେ । ସ୍ଥାନୀୟ ଅଂଚଳର ବୁଦ୍ଧିଜୀବୀ, ସ୍ୱୟଂ ସାହାୟିକା, ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ରହିଥିଲେ ।

# ସ୍ୱାୟତ୍ତ ଶାସନ ଦିବସ ପାଳିତ

ଛତ୍ରପୁର, ୩୧/୮(ନି.ପ୍ର) : ଗଞ୍ଜାମ ଜିଲ୍ଲା ଛତ୍ରପୁର ଏନଏସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି କ୍ଷ ମୁଖ୍ୟ ଅତିଥି ଭାବେ ରାଜ୍ୟ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଛତ୍ରପୁର ଉପଜିଲ୍ଲାପାଳ ସୁବାଶିଷ ବରାଳ ଯୋଗଦେଇଥିଲେ । ଛତ୍ରପୁର ଏନଏସି ଅଧ୍ୟକ୍ଷା ଶ୍ରମିଷ୍ଠା ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ଉପାଧ୍ୟକ୍ଷ ଜି. ପାପା ରାଓ ଧନ୍ୟବାଦ ଅର୍ପଣ କରିଥିଲେ କ୍ଷ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ ବିବରଣୀ ପାଠ କରିଥିଲେ କ୍ଷ ସମସ୍ତ କାଉନସିଲର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ କ୍ଷ ବିଭିନ୍ନ ବର୍ଗର ସମାଜସେବା କାର୍ଯ୍ୟରେ ନିୟୋଜିତ ଥିବା ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା କ୍ଷ କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଜିଲ୍ଲା ଯୋଗାଣ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଉଦ୍ୟାନ ପରିସରରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି ସହ ସହର ବିଭିନ୍ନ ସ୍ଥାନରେ ପ୍ରକଳ୍ପ ଗୁଡିକର ଉଦଘାଟନ ଓ ଶିଳାନ୍ୟାସ କରାଯାଇଥିଲା କ୍ଷ ସେହିପରି ଆଜି ସକାଳରେ ଏନଏସି କାର୍ଯ୍ୟାଳୟ ପରିସରରେ ବିଧାୟକ ଶ୍ରୀ ନାୟକ ପତାକା ଉତ୍ତୋଳନ କରି ଛତ୍ରପୁର ଉପଖଣ୍ଡ ଡାକ୍ତରଖାନାର ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା ।

# ଚିକିଟୀ ଏନଏସିରେ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ

ବ୍ରହ୍ମପୁର ୩୧/୮ (ନି.ପ୍ର) : ଚିକିଟୀ ଏନଏସି ପକ୍ଷରୁ ଜାତୀୟ ସ୍ୱାୟତ୍ତ ଶାସନ ଦିବସ ୨୦୨୫ ମହା ଆଡମ୍ବର ସହକାରେ ପାଳନ ହୋଇ ଯାଇଛି। ଉପାଧ୍ୟକ୍ଷ ହର ପ୍ରାସଦ ଚୌଧୁରୀ ଙ୍କ ପୌରାହିତ୍ୟ ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ସୋରେନ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିବା ବେଳେ ମୁଖ୍ୟ ଅତିଥି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ସମ୍ମାନିତ ଅତିଥି ଭାବେ ତହସିଲଦାର ତଥା ଭାର ପ୍ରାପ୍ତ ବିଡ଼ିଓ ବିଶ୍ୱ ରଞ୍ଜନ କହଁର, ବିଇଓ ପନ୍ନଗ ଭୂଷଣ ମାଝୀ ପ୍ରମୁଖ ମଞ୍ଚାସିନ ରହି ନିଜ ଅଭିଭାଷଣ ରେ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ ର ମହତ୍ତ୍ୱ ସମ୍ପର୍କ ରେ ଆଲୋକପାତ କରିଥିଲେ। ଚିକିଟୀ ଏନଏସି ଲଗାତାର ତିନି ତିନି ଥର ୧ ନମ୍ବର ସ୍ୱଚ୍ଛ ସହର ଭାବେ ରାଷ୍ଟ୍ରପତି ଙ୍କ ଠାରୁ ପୁରସ୍କୃତ ହେଉଥିବାରୁ ବିଧାୟକ ଶ୍ରୀ ସାମନ୍ତରା ସମସ୍ତ ସଫେଇ କର୍ମୀ, ସ୍ୱଚ୍ଛ ସାଥି ଏନଏସି କର୍ମଚାରୀ ମାନଙ୍କୁ ଧନ୍ୟବାଦ ଜଣାଇବା ସହିତ ଆଗାମୀ ଦିନରେ ଏହି ସ୍ଥାନ ବଜାୟ ରଖିବା ଲାଗି ପରାମର୍ଶ ଦେଇଥିଲେ। ଏହି ଅବସରରେ ଏନ ଏ ସି ପକ୍ଷରୁ ସମସ୍ତ କର୍ମଚାରୀ, ସଫେଇ କର୍ମୀ, ସ୍ୱଚ୍ଛ ସାଥି ଙ୍କ ସାମ୍ବାଦିକ ଓ ସମସ୍ତ କାଉନସିଲ ମାନଙ୍କୁ ବିଧାୟକ ଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏନଏସି କର୍ମଚାରୀ ପ୍ରଭାକର ମେକପ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିବା ବେଳେ କନିଷ୍ଠ ଯନ୍ତ୍ରୀ ଭବାନୀ ଶଙ୍କର ବେହେରା, ବଳକୃଷ୍ଣ ନାୟକ, ଲୋକନାଥ ସୁବୁଦ୍ଧି ପ୍ରମୁଖ ଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



